

ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍

## ସଂକ୍ଷେପରେ

### ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ୧ରୁ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ

**ସମ୍ବଲପୁର,୨୬।୩(ବ୍ୟୁରୋ)**
ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଶୁଭମ ସକସେନାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏପ୍ରିଲ ୧ରୁ ଗ୍ରାମାଞ୍ଚଳ ସମେତ ମହାନଗର ନିଗମ ଅଞ୍ଚଳରେ ଜଳଛତ୍ର ଖୋଲିବାକୁ ଜିଲାପାଳ ସକସେନା ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ସମସ୍ତ ଘରୋଇ ଓ ସରକାରୀ କାମରେ ନିୟୋଜିତ ଶ୍ରମିକ କାମ ନ କରିବାକୁ ସୂଚନା ଦିଆଯାଇଛି। ଖରା ସମୟରେ ପେଟପୂରା ଖାଇବା, ପ୍ରଚୁର ପାଣି ପିଇବା, ମୁଣ୍ଡରେ ପଗଡ଼ି କିମ୍ବା ଛତା ବ୍ୟବହାର କରି ଯାତାୟାତ କରିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଅଂଶୁଘାତ ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଜିଲାପାଳ ସକସେନା କହିଛନ୍ତି।

### ଦିବ୍ୟାଙ୍ଗଙ୍କ ପାଇଁ ନିର୍ବାଚନରେ ସ୍ୱତନ୍ତ୍ର ବ୍ୟବସ୍ଥା

ସମ୍ବଲପୁର,୨୬।୩(ବ୍ୟୁରୋ)
ଆସନ୍ତା ସାଧାରଣ ନିର୍ବାଚନରେ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭୋଟ ଦାନରେ ସେମାନଙ୍କୁ ସହାୟତା କରିବା ପାଇଁ ସ୍ୱେଚ୍ଛାସେବୀ ନିଯୁକ୍ତ କରାଯାଇଛି। ଏଥିପାଇଁ ସ୍ୱେଚ୍ଛାସେବୀଙ୍କୁ ଟି-ଶାର୍ଟ ଓ ୨୫୦ ଟଙ୍କା ପାରିତୋଷିକ ପ୍ରଦାନ କରାଯିବ। ସେମାନେ ଅଟୋରିକ୍ସାରେ ଦିବ୍ୟାଙ୍ଗ ଭୋଟରମାନଙ୍କୁ ଘରୁ ଭୋଟଦାନ କେନ୍ଦ୍ରକୁ ଆଣିବେ। ମତଦାନ ପରେ ପୁଣି ନେଇ ଘରେ ଛାଡ଼ିବେ। ଭୋଟଦାନ କେନ୍ଦ୍ରଗୁଡ଼ିକରେ ପାଣି, ଛାଇ ବ୍ୟବସ୍ଥା ରହିବ। ଏଥିପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି।

### ନିର୍ବାଚନ ଖର୍ଚ୍ଚ ଆକଳନ, ଆଇନଶୃଙ୍ଖଳା ପାଇଁ ସ୍ୱତନ୍ତ୍ର ଅଧିକାରୀ

ସମ୍ବଲପୁର,୨୬।୩(ବ୍ୟୁରୋ)
ଆସନ୍ତା ସାଧାରଣ ନିର୍ବାଚନରେ ସମ୍ବଲପୁର ଜିଲାରେ ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ଆକଳନ କରିବା ପାଇଁ ପ୍ରଶାସନିକ ଅଧିକାରୀ ଏସ୍. ଭୀରା ମୁଥୁଙ୍କୁ ନିର୍ବାଚନ କମିଶନର ନିଯୁକ୍ତ କରିଛନ୍ତି। ସେହିପରି ଆଇନଶୃଙ୍ଖଳା, ନିଶାଦ୍ରବ୍ୟ, ଟଙ୍କା ନେଣଦେଣ ଭଳି ଆପରାଧିକ କାର୍ଯ୍ୟକଳାପ ଓ ପୋଲିସ କାର୍ଯ୍ୟ ତାଦାରଖ ପାଇଁ ଆଇପିଏସ୍ ଅଫିସର ଚନ୍ଦ୍ରଶେଖର ମିନାଙ୍କୁ ନିୟୋଜିତ କରାଯାଇଛି। ମାର୍ଚ୍ଚ ୨୮ରୁ ଜିଲାରେ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। ସେହିଦିନଠାରୁ ନିର୍ବାଚନ ସରିବା ପର୍ଯ୍ୟନ୍ତ ଏହି ଦୁଇ ଅଧିକାରୀ ଏଠାରେ କାର୍ଯ୍ୟରତ ରହିବେ।

### ୫୦ କେ.ଜି. ବାସି ଖାଦ୍ୟ ନଷ୍ଟ କରାଗଲା

**ସମ୍ବଲପୁର,୨୬।୩(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବୁର୍ଲାର ବିଭିନ୍ନ ହୋଟେଲରେ ଚଢ଼ାଉ କରାଯାଇ ୫୦ କେ.ଜି. ବାସି ଖାଦ୍ୟ ନଷ୍ଟ କରାଯାଇଛି। ବୁର୍ଲା ମେଡିକାଲ କ୍ୟାଣ୍ଟିନ ସମେତ ବସ୍ଷ୍ଟାଣ୍ଡରେ ୧୬ ହୋଟେଲରେ ଚଢ଼ାଉ କରାଯାଇଥିଲା। ଖାଦ୍ୟଗୁଡ଼ିକ ବାସି, ରଙ୍ଗଦିଆ ଓ ଏଥିରେ ଅତ୍ୟଧିକ ତେଲ ମସଲା ବ୍ୟବହାର ହୋଇଥିବା ଜଣାପଡ଼ିଥିଲା। ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ଅଧିକାରୀ ଓ ବୁର୍ଲା ପୋଲିସ ଚଢ଼ାଉରେ ସାମିଲ ହୋଇଥିଲେ।

### ବୌଦ୍ଧ, କନ୍ଧମାଳ ନିର୍ବାଚନମଣ୍ଡଳୀ ୮ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ବୌଦ୍ଧ,୨୬।୩ (ସ୍ୱ.ପ୍ର.): ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ମଙ୍ଗଳବାର ଥିଲା ନାମାଙ୍କନପତ୍ର ଦାଖଲର ଶେଷ ଦିନ। ଏନେଇ ବୌଦ୍ଧ ଜିଲାର ବୌଦ୍ଧ ଓ କନ୍ଧମାଳ ନାର୍ବାଚନମଣ୍ଡଳୀ ପାଇଁ ସୋମବାର ବିଜେଡି ପକ୍ଷରୁ ବୌଦ୍ଧ ନିର୍ବାଚନମଣ୍ଡଳି ପ୍ରାର୍ଥୀ ପ୍ରଦୀପ କୁମାର ଅମାତ, କନ୍ଧମାଳ ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ମହୀଧର ରଣା, ବୌଦ୍ଧର ସିପିଆଇ ଏବଂ କଂଗ୍ରେସର ମିଳିତ ପ୍ରାର୍ଥୀ ଅବକାଶ ସାହୁ, କନ୍ଧମାଳ ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ସାହୁ, ସ୍ୱାଧୀନ ପ୍ରାର୍ଥୀ ସୁଧାଂଶୁ ଡାଙ୍ଗ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ବୌଦ୍ଧ ଭାଜପା ପକ୍ଷରୁ ସୁଶାନ୍ତ କୁମାର ପ୍ରଧାନ, କନ୍ଧମାଳ ଭାଜପାରୁ କହ୍ନେଇ ଚରଣ ଡାଙ୍ଗ ଏବଂ କନ୍ଧମାଳ ସ୍ୱାଧୀନ ପ୍ରାର୍ଥୀଭାବେ ଶେଷ କୁମାର ମେହେର ନିଜ ସମର୍ଥକଙ୍କ ସହ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ।

ଦେବଗଡ଼ ପାଇଁ ଛିଡୁନି ବିଜେଡିର ଅଙ୍କ କଷା

# ଆଶା, ଆଶଙ୍କାରେ ଆଶାୟୀ

**ଶଶାଙ୍କ ଶେଖର ଝାଙ୍କର**
**ଦେବଗଡ,୨୬।୩(ସ୍ୱ.ପ୍ର.)**

ଆସନ୍ତା ଏପ୍ରିଲ ୨୩ରେ ସମ୍ବଲପୁର ଲୋକସଭା ଓ ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ପାଇଁ ଦେବଗଡ ବିଧାନସଭା ମଣ୍ଡଳୀର ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଚୟନ ଯଥେଷ୍ଟ ଆଗରୁ ସରିଥିବାବେଳେ ଏପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ଘୋଷିତ ହୋଇପାରିନାହିଁ । ଫଳରେ ଦେବଗଡ ବିଜେଡିରେ କାହାକୁ ଟିକଟ ମିଳିବ, ସେନେଇ ସବୁ ଆଶାୟୀ ପ୍ରାର୍ଥୀ ଆଶା ଓ ଆଶଙ୍କାରେ ରହିଥିବା ଶୁଣିବାକୁ ମିଳୁଛି । ଏ ନେଇ ଜିଲା ସାରା ଚା, ପାନ ଦୋକାନ ଛକ ତଥା ବିଭିନ୍ନ ସ୍ଥାନରେ ଚର୍ଚ୍ଚା ଜୋର ଧରିଛି । ଅନ୍ୟପକ୍ଷରେ ଦେବଗଡ ବିଧାନସଭାର ଗତଥର ଭାଜପା ବିଧାୟକ ନିତେଶ ଗଙ୍ଗଦେବଙ୍କୁ ଦଳ ଏଥର ବିଧାନସଭା ପ୍ରାର୍ଥୀ ନ କରି ସମ୍ବଲପୁର ଲୋକସଭା ସାଂସଦ ପ୍ରାର୍ଥୀ ଭାବେ ମନୋନୀତ କରିଥିବାରୁ ପୂର୍ବତନ ଭାଜପା ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କୁ ଦଳ ଟିକଟ ଦେଇଛି । ସେହିପରି କଂଗ୍ରେସ ୨୦୧୪ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିବା ସେମ୍ ହେମ୍ବ୍ରମ୍ଙ୍କ ଉପରେ ଭରସା ନ ରଖି ଏଥର ବର୍ତ୍ତମାନର ଜିଲା ସଭାପତି ତଥା ଜଣେ ଟାଣୁଆ ଯୁବ ନେତା ଉମାଶଙ୍କର ସାହୁଙ୍କୁ ପ୍ରାର୍ଥୀ କରିଛି। କିନ୍ତୁ ତୃତୀୟ ପର୍ଯ୍ୟାୟ ମନୋନୟନ ପତ୍ର ଦାଖଲ କରିବାର ତାରିଖ ପାଖେଇ ଆସୁଥିଲେ ମଧ୍ୟ ବିଜେଡିର ଅଙ୍କ ଏପର୍ଯ୍ୟନ୍ତ ଛିଣ୍ଡି ପାରୁନାହିଁ। ଆଶାୟୀମାନଙ୍କର ଛାତି ଧଡଧଡ ହେଉଥିବା ବେଳେ ଭୁବନେଶ୍ୱରରେ ଡେରା ପକାଇଛନ୍ତି। ସେଥିପାଇଁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ଆଶାୟୀ ପ୍ରାର୍ଥୀମାନଙ୍କୁ ନବୀନ ନିବାସ ଡକାଇ ସହମତି ଭିତିରେ ପ୍ରାର୍ଥୀ ଚୟନ ପାଇଁ ଚେଷ୍ଟା ଚଳେଇଥିବା କଥା ବିଜେଡି ଦଳ ମଧ୍ୟରେ ଚର୍ଚ୍ଚା ହେଉଛି। ଏବେ ଦେବଗଡ ପାଇଁ ବିଜେଡି ଦଳର ପ୍ରାର୍ଥୀ କିଏ ହେବ ସେନେଇ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଓ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ସୃଷ୍ଟି ହେଉଛି। କାରଣ ବିଜେଡିର ପ୍ରାର୍ଥୀ ଉପରେ ଅନ୍ୟ ଦୁଇ ଦଳର ହାରିବା ଜିତିବା ନିର୍ଭର କରୁଛି। ଯଦି ବିଜେଡି ତରଫରୁ ଉପଯୁକ୍ତ ପ୍ରାର୍ଥୀ ଚୟନ କରା ନ ଯାଏ, ତେବେ ଭାଜପା ପ୍ରାର୍ଥୀ ସୁବାସ ପାଣିଗ୍ରାହୀଙ୍କ ଜିତିବା ସମ୍ଭାବନା ଅଧିକ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କିନ୍ତୁ କଂଗ୍ରେସ ପ୍ରାର୍ଥୀ ଉମାଶଙ୍କର ସାହୁ ଉଭୟ ଭାଜପା ଓ ବିଜେଡିକୁ ଏଥର କଡା ଟକ୍କର ଦେବା ସହ ତାଙ୍କର ଜିତିବାର ଆଶଙ୍କା ମଧ୍ୟ ଅନ୍ୟ ଦୁଇ ଦଳର ବିଜୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରନ୍ତି। କାରଣ , ଗତ ୨୦୧୪ ନିର୍ବାଚନ ଅପେକ୍ଷା ଏଥର କଂଗ୍ରେସର ଭୋଟ ହାର ନିଶ୍ଚୟ ଅଧିକ ହେବ ବୋଲି ଚର୍ଚ୍ଚା ହେଉଛି । କାରଣ ଗତଥର ନିର୍ବାଚନରେ ଭାଜପା ବିଧାୟକ ନିତେଶ ଗଙ୍ଗଦେବ ବିଜେଡି ବିଧାୟିକା ପ୍ରାର୍ଥିନୀ ଅନୀତା ପ୍ରଧାନଙ୍କୁ ୪୦ ହଜାର ଭୋଟ ବ୍ୟବଧାନରେ ହରାଇଥିଲେ। ଏଥର ପ୍ରାୟ ସେ ଦୃଶ୍ୟ ଦେଖିବାକୁ ମିଳି ନ ପାରେ। କାରଣ ଏଥର ଯେଉଁ ପ୍ରାର୍ଥୀ ଜିତିଲେ ମଧ୍ୟ କମ୍ ବ୍ୟବଧାନରେ ଜିତିବେ ବୋଲି ଆଶା କରାଯାଉଛି । ଯେହେତୁ ଚଳିତ ନିର୍ବାଚନରେ ଦେବଗଡରେ ତ୍ରିମୁଖୀ ଲଢେଇ ହେବାର ସମ୍ଭାବନା ରହିଛି।


ଉମାଶଙ୍କର ସାହୁ


ସୁବାସ ଚନ୍ଦ୍ର ପାଣିଗ୍ରାହୀ

## ବିଦ୍ୟା ବିକାଶ ସ୍କୁଲର ବାର୍ଷିକ ଉତ୍ସବ

**ଦେବଗଡ, ୨୬।୩(ସ୍ୱ.ପ୍ର.)**

ସ୍ଥାନୀୟ ଲାଲୁସାହିସ୍ଥିତ ବିଦ୍ୟା ବିକାଶ ଇଂରାଜୀ ବିଦ୍ୟାଳୟର ଷଷ୍ଠ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ସ୍କୁଲର ସଭାପତି ମାନସ ରଞ୍ଜନ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡିଡବ୍ଲ୍ୟୁଓ ହଳଧର ମହାନନ୍ଦ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଶ୍ରୀକୃଷ୍ଣପ୍ରସାଦ ପ୍ରଧାନ ଯୋଗଦେଇ ଆନୁଷ୍ଠାନିକ ଭାବେ ଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ। ଏହାସହ ବିଦ୍ୟାଳୟର ଛାତ୍ରୀ ଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଜ୍ଞାନେନ୍ଦ୍ର ବିଶ୍ୱାଳ, ସିଦ୍ଧାର୍ଥ ଗୁରୁ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ସମାଜରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ବର୍ତ୍ତମାନ ସମାଜରେ ଛାତ୍ରୀଛାତ୍ରଙ୍କର ଗୁରୁତ୍ୱ କେତେ ଗୁରୁତ୍ୱପୂର୍ଣ୍ଣ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ସେହିପରି ଏହି ଉତ୍ସବରେ ଛୋଟଛୋଟ ଶିଶୁମାନଙ୍କୁ ପୁରସ୍କାର ବଂଟନ ସହ ଶ୍ରେଷ୍ଠ ଅଭିଭାବକ ଭାବେ ମୋହନ ଚନ୍ଦ୍ର ନାୟକ, ମନିଶା ନାୟକ, ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ଦେବାଙ୍ଗନା ଗଙ୍ଗଦେବ ଏବଂ ଶ୍ରେଷ୍ଠ ଛାତ୍ର ଭାବେ ଷ୍ଟାଣ୍ଡାର୍ଡ-୨ର ନିରଞ୍ଜନ ବଲୁଆଙ୍କୁ ପୁରସ୍କାର ମଧ୍ୟ ଦିଆଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦେବାଙ୍ଗନା ଗଙ୍ଗଦେବ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ସୁନିତା ଦ୍ୱିବେଦୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ବିଦ୍ୟାଳୟ ତରଫରୁ ଅଭିଭାବକ ପ୍ରଦୀପ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ବିଦ୍ୟା ବିକାଶ ଇଂରାଜୀ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।



## ଦେବଗଡ଼ରେ କଂଗ୍ରେସର ଶୋଭାଯାତ୍ରା

**ଦେବଗଡ,୨୬।୩(ସ୍ୱ.ପ୍ର.)**

ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପକ୍ଷରୁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବିଧାୟକ ପ୍ରାର୍ଥୀ ଉମାଶଙ୍କର ସାହୁଙ୍କୁ କଂଗ୍ରେସ କର୍ମୀ ଓ ନେତା ତଥା ତାଙ୍କର ସହସ୍ରାଧିକ ସମର୍ଥକ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ଏକ ସୁସଜ୍ଜିତ ଗାଡିରେ ଦେବଗଡ ଜିଲାର ବଂପରଡାରୁ ଆରମ୍ଭ କରି କଲା, ବାରକୋଟ, ବିଜୟନଗର, କଣ୍ଢେଇ, ବଲମ୍, ବଣିଆଁକିଲିଣ୍ଡା ସମେତ ଏକ ବିରାଟ ପଟୁଆରରେ ଶତାଧିକ ମୋଟର ବାଇକ, ଚାରିଚକିଆ ଯାନରେ ଆତସବାଜୀ, ଡିଜେ ସାଉଣ୍ଡ ମଧ୍ୟରେ ଦେବଗଡ ସହରର ଗୁରୁସାହି, ଶାସନ ସାହି,ବଣିଆଁସାହି,ମାର୍କେଟ ଛକ, ଭିତିରିଆ ସାହି ଏବଂ ପ୍ରାଇଭେଟ ବସଷ୍ଟାଣ୍ଡ ଦେଇ ନଗର ପରିକ୍ରମା କରିଥିଲେ। ପରେ ନିଜ ବାସଭବନ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ସଭାନେତ୍ରୀ ମଞ୍ଜୁଲତା ନାୟକ, ସମରେନ୍ଦ୍ର ଜିତ୍, ବିଜୟ ସାହୁ, ଅନୁଜ ପ୍ରଧାନ, ରିଙ୍କୁ ଖଡିରତ୍ନ, କ୍ଷେତ୍ର କୁମାର ପାତ୍ର,ପ୍ରଶାଂ' ସାହୁ,ଘନଶ୍ୟାମ ସାହୁଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ ।


ସମ୍ବଲପୁର ପବ୍ଲିକ ଲାଇବ୍ରେରିରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ବେଜବରୁଆଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ସମ୍ବଲପୁର,୨୬।୩(ବ୍ୟୁରୋ)**

ଅହମିଆ ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆଙ୍କ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାଗୃହରେ ପାଳିତ ହୋଇଛି। ଡ. ସିଦ୍ଧାର୍ଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶେଫାଳୀ ପଣ୍ଡାଙ୍କ ରଚିତ କବିତା ପୁସ୍ତକ ସୁରଭି, ଦୀପକ କୁମାର ପଣ୍ଡାଙ୍କ ସମ୍ବଲପୁର ଇତିହାସ ଓ ବୀର ସୁରେନ୍ଦ୍ର ସାଏଙ୍କ ସମ୍ପର୍କିତ ଇଂଲିଶରେ ରଚିତ ଦୁଇଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଡ. ଦ୍ୱାରିକାନାଥ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଅଖିଳ ବିଶ୍ୱାଳ ଓ ଡ. ଗୌରୀଦାସ ପଧାନ ପୁସ୍ତକ ବିଷୟରେ ଆଲୋଚନା କରିଥିଲେ। ଦୀପକ କୁମାର ପଣ୍ଡା ଭାରତୀୟ ସାହିତ୍ୟ ଜଗତରେ ବେଜବରୁଆଙ୍କ ସ୍ଥାନ ଓ ସମ୍ବଲପୁର ବାବଦରେ ତାଙ୍କ ରଚନାବଳୀ ଉପରେ ବକ୍ତବ୍ୟ ଦେଇଥିଲେ। ଦେବାର୍ଚ୍ଚନ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାଇଟ୍ ଫ୍ୟୁଚର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ସମ୍ବଲପୁର,୨୬।୩(ବ୍ୟୁରୋ)**

ସ୍ଥାନୀୟ ନକ୍ସାପାଲିସ୍ଥିତ ବ୍ରାଇଟ୍ ଫ୍ୟୁଚର୍ ପବ୍ଲିକ ସ୍କୁଲ, କୌଶଳ ଏଏନ୍ଏମ୍ ଓ ଜିଏନ୍ଏମ୍ ଟ୍ରେନିଂ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଛି। ନିର୍ଦ୍ଦେଶକ ଡ. ବସନ୍ତ କୁମାର ବିଶୋୟୀଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ସାହିତ୍ୟିକ ଡ. ଶ୍ୟାମସୁନ୍ଦର ଧର ମୁଖ୍ୟଅତିଥି, ଡ. ଗୋବିନ୍ଦ ମହାରଣା ମୁଖ୍ୟବକ୍ତା ଓ ଜ୍ୟୋତିର୍ମୟୀ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜ୍ୟୋତିର୍ମୟ ପତି, ସାମାଜିକ କର୍ମୀ କ୍ଷୀରୋଦ ଚନ୍ଦ୍ର ଓଝା, ଚାଷୀନେତା ହରିଶଙ୍କର ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରିୟରଞ୍ଜନ ବିଶୋୟୀ ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗୀତାରାଣୀ ପଣ୍ଡା, ମୁନୁ ଜେନା, ଗୀତାଞ୍ଜଳି ସାହୁ, ସୁନିତା ବେହେରା ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। କୌଶଳ ଏଏନ୍ଏମ୍ ଓ ଜିଏନ୍ଏମ୍ ଟ୍ରେନିଂ ସ୍କୁଲ ଅଧ୍ୟକ୍ଷା କେ. ଜୟଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହୀରା, ପ୍ରିୟଙ୍କା, ବିପନ୍ତି, ସୀମା ଓ ରାଣୀ ଗଣେଶ ବନ୍ଦନା ଗାନ କରିଥିଲେ। ଅଶ୍ୱିନୀ ସୋରେନ ଭାରତ ନାଟ୍ୟମ୍ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ସମ୍ବଲପୁରୀ, ରସରକେଲି, ଆଧୁନିକ ନୃତ୍ୟରେ ଉତ୍ସବସ୍ଥଳ ଝୁମି ଉଠିଥିଲା। ନିର୍ମଳା ମୁଣ୍ଡା, ସ୍ୱାଧୀନ ବାଗ, ବୈଷ୍ଣବୀ ଭୋଇ, ରୀନାରାଣୀ ସାନବଡ଼, ଲଳିତ ମୋହନ ଭୋରାସାଗର, ସଙ୍ଗୀତା ଭିତ୍ରିଆ, ଅପର୍ଣ୍ଣା ହୋତା, ପୂଜାଶ୍ରୀ ବେହେରା, ଡୋଲି ଭୋଇ ଓ ରିତୁ ପଣ୍ଡିତ ଏକକ ନୃତ୍ୟ ପରିବେଷଣ କରିଥିଲେ।



ନକ୍ସାପାଲି ସ୍କୁଲ ପରିସରରେ ନିର୍ଦ୍ଦେଶକ ଡ. ବସନ୍ତ କୁମାର ବିଶୋୟୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ହାଟପଡ଼ାରେ ହନୁମାନ ଜୟନ୍ତୀ: ଝଣ୍ଡା ସ୍ଥାପନ

**ସମ୍ବଲପୁର,୨୬।୩(ବ୍ୟୁରୋ)**

ସମ୍ବଲପୁର ହାଟପଡ଼ା ହନୁମାନ ଜୟନ୍ତୀ କମିଟି ପକ୍ଷରୁ ଝଣ୍ଡା ସ୍ଥାପନ କାର୍ଯ୍ୟକ୍ରମ ମଙ୍ଗଳବାର ରାତିରେ ସମ୍ପନ୍ନ ହୋଇଛି। କଡ଼କଡ଼ି ବାଦ୍ୟ ତାଳରେ ଶ୍ରଦ୍ଧାଳୁମାନେ ଝଣ୍ଡା ପୂଜା କରିଥିଲେ। ପରେ ଶୋଭାଯାତ୍ରାରେ ଯାଇ ହାଟପଡ଼ା ଛକରେ ଝଣ୍ଡା ସ୍ଥାପନ କରିଥିଲେ। ଜୟ ବୀର ବଜରଙ୍ଗବଲି ଓ ଜୟ ଶ୍ରୀରାମ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। କମିଟି ସଭାପତି ଅନନ୍ତ ନାୟକ, ସମ୍ପାଦକ ଶରତ ସେଠ, ଆଖଡ଼ା ଓସ୍ତାଦ ପ୍ରଶାନ୍ତ ସେଠ, ରାଜା ବରାଡ଼, ଅଜ୍ଜୁ ସେନାପତି, ବିଶ୍ୱଜିତ ଦେହୁରୀ, ପ୍ରୀତମ ସ୍ୱାଇଁ, ଦିଲୀପ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଆସନ୍ତା ଏପ୍ରିଲ ୧୪ ତାରିଖରେ ହନୁମାନ ଜୟନ୍ତୀ ପାଳନ କରାଯିବ। ଏହାକୁ ଦୃଷ୍ଟିରେ ରଖି ସମିତି ପକ୍ଷରୁ ପ୍ରସ୍ତୁତି ଚାଲିଛି।


ସମ୍ବଲପୁର ହାଟପଡ଼ା ଛକରେ ଝଣ୍ଡାକୁ ଶୋଭାଯାତ୍ରାରେ ନିଆଯାଉଛି।

## ଝାଡ଼ାବାନ୍ତି: ପରିସ୍ଥିତି ନିୟନ୍ତ୍ରଣାଧୀନ

**ନାକଟିଦେଉଳ,୨୬।୩(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗିରୀଶ୍ଚନ୍ଦ୍ରପୁର ପଞ୍ଚାୟତ ପାଣିଗ୍ରାହୀପାଲି ଗ୍ରାମ ଆଡ଼ିସାହିରେ ଭୋଗ ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି। ନାକଟିଦେଉଳ ଡାକ୍ତରଖାନାରେ ସୋମବାର ଭର୍ତ୍ତି ହୋଇଥିବା ୩୦ଜଣଙ୍କ ମଧ୍ୟରୁ ୧୦ଜଣଙ୍କୁ ମଙ୍ଗଳବାର ସକାଳେ ଛାଡ଼ି ଦିଆଯାଇଛି। ମଙ୍ଗଳବାର ସକାଳେ ନାକଟିଦେଉଳରୁ ଏକ ଡାକ୍ତରୀଦଳ ପ୍ରଭାବିତ ଗ୍ରାମଗୁଡ଼ିକୁ ଯାଇ ରୋଗୀମାନଙ୍କ ଚିକିତ୍ସା କରିଛନ୍ତି। ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ନିର୍ଦ୍ଦେଶକ୍ରମେ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ବିଜେଡି ବ୍ଲକ ପର୍ଯ୍ୟବେକ୍ଷକ ଗିରୀଶ ରାଉତ, ଗିରୀଶ୍ଚନ୍ଦ୍ରପୁର ସମିତିସଭ୍ୟ ନକୁଳ ସମର୍ଥା, ଶୁଭେନ୍ଦ୍ର ପ୍ରଧାନ ଏବଂ ବିଜୁ ଯୁବବାହିନୀର ସରୋଜ ବିଶି ପ୍ରମୁଖ ମଙ୍ଗଳବାର ଗିରୀଶ୍ଚନ୍ଦ୍ରପୁର ଡାକ୍ତରଖାନା ଏବଂ ପାଣିଗ୍ରାହୀପାଲି, ଆଡ଼ିସାହି, ଭୁଲୁକି ଆଦି ଗ୍ରାମରେ ପହଞ୍ଚି ୧୫୦ ଆକ୍ରାନ୍ତଙ୍କୁ ଚୁଡ଼ା, ଚିନି, କଦଳୀ, କମଳା ଆଦି ପ୍ରଦାନ କରିଛନ୍ତି। କେତେଜଣ ଅସୁସ୍ଥଙ୍କୁ ଗିରୀଶ୍ଚନ୍ଦ୍ରପୁର ଡାକ୍ତରଖାନାରେ ଚିକିତ୍ସା କରାଯାଇ ଛାଡ଼ି ଦିଆଯାଇଛି। ମୋଟାମୋଟି ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି ବୋଲି ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ ପ୍ରକାଶ କରିଛନ୍ତି।


ବିଜେଡି ପ୍ରତିନିଧି ଦଳ ଏକ ପ୍ରଭାବିତ ଗ୍ରାମରେ ଚୁଡ଼ା, ଚିନି ଆଦି ବଣ୍ଟନ କରୁଛନ୍ତି।

## ସଟ୍ଟା ଖେଳ, ଜଣେ ଗିରଫ

**ସମ୍ବଲପୁର,୨୬।୩(ବ୍ୟୁରୋ)**

ସଟ୍ଟା ଖେଳାଉଥିବା ଅଭିଯୋଗରେ ସମ୍ବଲପୁର ସଦରଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲ ସୁର୍ଲକାନିର କୈଳାସ ଓରାମ। କୈଳାସଙ୍କ ନିକଟରୁ ୧୦୭୦ ଟଙ୍କା ଓ ଖେଳ ସମଗ୍ରୀ ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ. ୬୭/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ, କୈଳାସ ଧନକଉଡ଼ା ନିକଟ ସ୍କୁଲ ପଡ଼ିଆରେ ସଟ୍ଟା ଖେଳାଉଥିଲେ। ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା।

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 392/2018**

**Utkal Grameen Bank**
Stressed Asset Recovery Branch Sambalpur........ Applicant
-Versus-
**Dhirendra Mahakud** & Others ........... Defendants
To,
Defendant No.1: **Dhirendra Mahakud**, S/o: Sahadev Mahakud, At/PO-Ghagurli, Ps- Belpada, Dist- Bolangir, PIN- 767026
Defendant No.2: **Sudhir Mahakud**, S/o: Baikuntha Mahakud, At/PO-Bharuapali, Ps- Belpada, Dist- Bolangir, PIN- 767026
Defendant No.3: **Mahendra Mahakud,** S/o: Markanda Mahakud, At/PO-Ghagurli, Ps- Belpada, Dist- Bolangir, PIN- 767026

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 13,63,942.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 26th day of April, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 19th day of March, 2019.

**Sd/- Registrar (I/c)**
**Debts Recovery Tribunal, Cuttack**

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଟେଣ୍ଡର ବିଜ୍ଞପ୍ତି ସଂ. 14/ET/SBP/ENGG/2018-19, ତାରିଖ. 19.03.2019

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.38-eT-DENC-SBP-18
**କାର୍ଯ୍ୟର ନାମ:** 24 ମାସ ନିମନ୍ତେ ସମ୍ବଲପୁର ଠାରେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ ଏବଂ ଏହାର ପରିସର, TRD କାର୍ଯ୍ୟାଳୟ ଇତ୍ୟାଦିର ଯନ୍ତ୍ରୀକୃତ ସଫେଇ ଏବଂ ସ୍ୱଚ୍ଛତା(ଦେଖାଶୁଣା) ସମ୍ବନ୍ଧୀୟ ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 26,21,408.60, EMD(ଟଙ୍କାରେ): 52,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 24(ଚବିଶି)ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.41-eT-DENC-SBP-18
**କାର୍ଯ୍ୟର ନାମ:** ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁର ଠାରେ 15 KLD କ୍ଷମତା ବିଶିଷ୍ଟ FRP ଭିତ୍ତିକ ସିଙ୍ଗିଲ୍ ପ୍ୟାକେଜ୍ ସିୱେଜ (Sewage) ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (Treatment Plant)ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 19,23,306.51, EMD (ଟଙ୍କାରେ): 38,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ): 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 03(ତିନି)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.10.04.2019ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍)/ ସମ୍ବଲପୁର
PR-564/J/18-19



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ



### ଦେଢ଼ କେ.ଜି. ଗଞ୍ଜେଇ ଜବତ, ଜଣେ ଗିରଫ

ରେଢ଼ାଖୋଲ,୨୬।୩(ଡି.ଏନ୍.ଏ.)
ଗଞ୍ଜେଇ ଚୋରାଚାଲାଣ କରୁଥିବା ଅଭିଯୋଗରେ ଚାରମାଲ ପୋଲିସ ମଙ୍ଗଳବାର ରାତି ୯ଟାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଗୋପପାଲି ଗ୍ରାମର ପ୍ରଫୁଲ୍ଲ କୁମାର ଦେହୁରୀ (୨୭)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଏକ ପ୍ଲାଷ୍ଟିକ ବ୍ୟାଗରେ ଥିବା ଦେଢ଼ କେ.ଜି. ଗଞ୍ଜେଇ ଓ ୧୩୦ ଟଙ୍କା ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ.୩୮) ରୁଜୁ କରାଯାଇଛି। ବୁଧବାର ପ୍ରଫୁଲ୍ଲଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ପ୍ରଫୁଲ୍ଲ ଗଞ୍ଜେଇ ଧରି ମୋଚିବାହାଲ ଛକରେ ବସ୍‌କୁ ଅପେକ୍ଷା କରିଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା।

### କଂଗ୍ରେସ କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ରେଙ୍ଗାଲି,୨୬।୩(ଡି.ଏନ୍.ଏ.)
ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଜୁନାଡିହିଠାରେ ମଙ୍ଗଳବାର କଂଗ୍ରେସର କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଜୋନ୍-୨ କଂଗ୍ରେସ ସଭାପତି ସରୋଜ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଖିଣ୍ଡା ସରପଞ୍ଚ ଶଶୀ କୁମାର ମେହେର, ପୂର୍ବତନ ତବଡ଼ାବାହାଲ ସରପଞ୍ଚ ଇନ୍ଦ୍ରମଣି ଦାସଙ୍କ ନେତୃତ୍ୱରେ ଝାଙ୍କରପାଲି ଓ ତବଡ଼ାବାହାଲ ପଞ୍ଚାୟତର ବହୁ ଯୁବକ ଦଳରେ ସାମିଲ ହୋଇଥିଲେ। ରେଙ୍ଗାଲି ବ୍ଲକ କଂଗ୍ରେସ ସଭାପତି ସୁବାସ ବିଶ୍ୱାଳ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ବାଳକୃଷ୍ଣ ରୋହିଦାସ, ଲିଙ୍ଗରାଜ ଦାସ, ନୃପଲାଲ ବିଶ୍ୱାଳ, ପୂର୍ବତନ ସମିତିସଭ୍ୟ ଭବାନୀଶଙ୍କର ଭୋଇ, ପ୍ରକାଶ ବେହେରା, ସନ୍ତୋଷ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

ଜମନକିରା,୨୬।୩(ଡି.ଏନ୍.ଏ.)
ଦେଶୀ ବନ୍ଧୁକ ରଖିବା ଅଭିଯୋଗରେ ସମ୍ବଲପୁର ଜିଲା ଜମନକିରା ଥାନା ପୋଲିସ ପାଟବନ୍ଧା ଗାଁର ଶ୍ରଧାକର ନାଏକଙ୍କ ପୁଅ ପ୍ରଶାନ୍ତ ନାଏକ (୪୫)ଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଥିବା ପୋଲିସ କହିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ପ୍ରଶାନ୍ତ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତାଙ୍କ ଘରୁ ଏକ ଦେଶୀ ବନ୍ଧୁକ ମିଳିଥିଲା। ତେବେ ପ୍ରଶାନ୍ତ ବନ୍ଧୁକର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୩୫/୧୯) ରୁଜୁ କରିଛି। ଚଢ଼ାଉରେ ଏସ୍‌ଆଇ ରଶ୍ମିବାଳା ସେଠୀ, ଏଏସ୍‌ଆଇ ସୁଧୀର କୁମାର ମହାକୁଳ ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- କ୍ଷୁଦ୍ର ନାଟକ ପ୍ରତିଯୋଗିତା
  ସ୍ଥାନ-ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ
  ସମୟ-ଅପରାହ୍ଣ ୩ଟା
- ବିଶ୍ୱ ନାଟ୍ୟ ଦିବସ କାର୍ଯ୍ୟକ୍ରମ
  ସ୍ଥାନ-ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷ
  ସମୟ-ସନ୍ଧ୍ୟା ୫ଟା

■ଭାଜପା ପ୍ରାର୍ଥିତ୍ୱକୁ ନେଇ ବିଦ୍ରୋହ, ଧର୍ମେନ୍ଦ୍ରଙ୍କ କୁଶପୁତ୍ତଳିକା ଦାହ

# ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକଙ୍କ ଇସ୍ତଫା

ରେଢ଼ାଖୋଲ,୨୬।୩(ଡି.ଏନ୍.ଏ.)

ରେଢାଖୋଲ ବିଧାନସଭା ଆସନପାଇଁ ଭାଜପା ପକ୍ଷରୁ ସମ୍ବଲପୁର ଗୋବିନ୍ଦଟୋଲାର ଦେବେନ୍ଦ୍ର ମହାପାତ୍ରଙ୍କୁ ପ୍ରାର୍ଥୀ ଘୋଷଣା କରଯିବା ପରେ ରେଢ଼ାଖୋଲ ଭାଜପାର ଆଶାୟୀ ପ୍ରାର୍ଥୀ ଓ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧ କରି ଆଶାୟୀ ପ୍ରାର୍ଥୀ ତଥା ଗତ ନିର୍ବାଚନରେ ଦଳର ପ୍ରାର୍ଥୀ ହୋଇଥିବା ରାଜ୍ୟ ପଛୁଆବର୍ଗ ମୋର୍ଚ୍ଚା ସମ୍ପାଦକ ପ୍ରତାପ ପ୍ରଧାନ ମଙ୍ଗଳବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କୁ ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ଇସ୍ତଫାପତ୍ରରେ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ସେ ଛାତ୍ର ଜୀବନରୁ ଆର୍‌ଏସ୍‌ଏସ୍‌ରେ ଜଡ଼ିତ ହୋଇ ପରବର୍ତ୍ତୀ ସମୟରେ ଭାଜପାର ନଗର ସଭାପତି, ଜିଲା ସମ୍ପାଦକ, ଜିଲ୍ଲା ଉପସଭାପତି ଭାବେ କାର୍ଯ୍ୟ କରିଛନ୍ତି। ୨୦୧୪ ନିର୍ବାଚନରେ ରେଢ଼ାଖୋଲ ବିଧାନସଭା ଆସନରୁ ଦଳୀୟ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ଭୋଟରଙ୍କ ଅକୁଣ୍ଠ ସମର୍ଥନ ପାଇ ୩୦ ହଜାର ଭୋଟ ପାଇଥିଲେ। ୨୦୧୯ ନିର୍ବାଚନରେ ପୁନର୍ବାର ପ୍ରାର୍ଥୀ ହେବାକୁ ଆବେଦନ କରିଥିଲେ। ହେଲେ ତାଙ୍କୁ କିମ୍ବା ଦଳର ଅନ୍ୟ କୌଣସି ସ୍ଥାନୀୟ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରା ନ ଯାଇ ନିର୍ବାଚନ ମଣ୍ଡଳୀ ବାହାର ଲୋକଙ୍କୁ ଦଳ ପ୍ରାର୍ଥୀ କଲା। ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଦଳର କର୍ମକର୍ତ୍ତା କିମ୍ବା ଜନସାଧାରଣ ଜାଣିନାହାନ୍ତି କି ତାଙ୍କର ନିର୍ବାଚନ ମଣ୍ଡଳୀ ସହ କୌଣସି ସମ୍ପର୍କ ନାହିଁ। ଏଭଳି ବ୍ୟକ୍ତିଙ୍କୁ ଦଳ ପ୍ରାର୍ଥୀ କରିବା ପ୍ରଧାନଙ୍କୁ ଗଭୀର ମର୍ମାହତ କରିଛି। ସେଥିପାଇଁ ସେ ଦଳରୁ ଇସ୍ତଫା ଦେଇଥିବା ରାଜ୍ୟ ସଭାପତିଙ୍କୁ ଜଣାଇଛନ୍ତି। ଅପରପକ୍ଷରେ ଅନ୍ୟତମ ଭାଜପା ଟିକେଟ ଆଶାୟୀ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲଙ୍କ ଶତାଧିକ ସମର୍ଥକ ମଙ୍ଗଳବାର ସନ୍ଧ୍ୟାରେ ନଗର କମିଟି ସାଧାରଣ ସମ୍ପାଦକ ଶିବପ୍ରସାଦ ପାନିକରଙ୍କ ନେତୃତ୍ୱରେ ଭୀମ ଭୋଇ ଛକରେ ଏକତ୍ରିତ ହୋଇ ଗୋବିନ୍ଦ ଅଗ୍ରୱାଲ ଜିନ୍ଦାବାଦ, ଧର୍ମେନ୍ଦ୍ର ପ୍ରଧାନ ମୁର୍ଦ୍ଦାବାଦ ସ୍ଲୋଗାନ ଦେଇଥିଲେ। ଦଳୀୟ ପ୍ରାର୍ଥୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ସେମାନେ ଅଭିଯୋଗ କରିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିରେ ଅବନୀ କୁମାର ମେହେର, ଭରତ ନାଗ, ପ୍ରକାଶ ମୁଖୀ, ବବଲୁ ଦେବ, ରାଜକିଶୋର ପ୍ରଧାନ, ଶରତ ପ୍ରଧାନଙ୍କ ସମେତ ଶତାଧିକ ମହିଳା ପୁରୁଷ ସାମିଲ ଥିଲେ। ସେହିପରି ସୋମବାର ସନ୍ଧ୍ୟାରେ ମୋଚିବାହାଳ ଛକରେ ଗୋବିନ୍ଦ ଅଗ୍ରୱାଲଙ୍କ ସମର୍ଥକମାନେ ଚାରମାଲ ମଣ୍ଡଲ ସମ୍ପାଦକ ଜୟରାମ ପୋଢ଼ଙ୍କ ନେତୃତ୍ୱରେ ବିକ୍ଷୋଭ କରିବା ସହ ମହାପାତ୍ରଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଥିଲେ। ଅନ୍ୟତମ ଆଶାୟୀ ସମର କୁମାର ପ୍ରଧାନ ମଙ୍ଗଳବାର ତାଙ୍କ ସମର୍ଥକଙ୍କ ସହ ଆଲୋଚନା କରିବା ପରେ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିବେ ନଚେତ୍ ଦଳରୁ ଇସ୍ତଫା ଦେବେ ବୋଲି କହିଛନ୍ତି। ଭାଜପାର ପ୍ରାର୍ଥୀଙ୍କୁ ନେଇ ଦଳରେ ଖୋଲାଖୋଲି ବିଦ୍ରୋହ ହେଉଥିବା ବେଳେ ନିର୍ବାଚନରେ ହୋ କି ପ୍ରଭାବ ପକାଉଛି ତାହା ଦେଖିବାକୁ ବାକି ରହିଲା।



ରେଢ଼ାଖୋଲରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

## ସ୍ୱେରେଜ୍ କାମ ପାଇଁ ଅଣନିଃଶ୍ୱାସୀ ଅଞ୍ଚଳବାସୀ

### ଉତ୍ତେଜନା, ରାସ୍ତାରୋକୋ

ସମ୍ବଲପୁର,୨୬।୩(ବ୍ୟୁରୋ)
ସମ୍ବଲପୁର ଭଉରା ଓ ଭବାନୀ ଫିଲ୍ମ ଅଞ୍ଚଳରେ ସ୍ୱେରେଜ୍ ପ୍ରକଳ୍ପ ନିର୍ମାଣକୁ ନେଇ ଅସନ୍ତୋଷ ଉଗ୍ରରୂପ ନେଇଛି। ମଙ୍ଗଳବାର ଧନୁପାଲି-ଗୁଣ୍ଡେରପୁର ରାସ୍ତାର ଭବାନୀ ଫିଲ୍ମ ନିକଟରେ ଲୋକେ ରାସ୍ତାରୋକୋ କରିଥିଲେ। ସ୍ୱେରେଜ୍ ନିର୍ମାଣ ସମୟରେ ମୁଖ୍ୟ ରାସ୍ତା ଖୋଳି ଦିଆଯାଇଛି। ଏହାର ମରାମତି କରାଯାଉ ନାହିଁ। ତେଣୁ ଧୂଳି ଉଡ଼ି ଲୋକେ ହଇରାଣ ହେଉଛନ୍ତି। ଯାତାୟାତରେ ସମସ୍ୟା ହେଉଛି। ଧୂଳି ଗୁଣ୍ଡ ନିୟନ୍ତ୍ରଣ ପାଇଁ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଲୋକେ ଅଭିଯୋଗ କରିଥିଲେ। ଧନୁପାଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା ଓ ଠିକା କମ୍ପାନୀ ଅଧିକାରୀ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଖୋଳାଯାଇଥିବା ରାସ୍ତା ମରାମତି କରାଯିବ। ଏପ୍ରିଲ ୧୦ ତାରିଖ ମଧ୍ୟରେ କାମ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

# ଗ୍ରାମସଭା ଗଠନ ପାଇଁ ପଥରଗଡ଼ା ଉତ୍ସବ

ବାମରା,୨୬।୩(ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ ରବଗା ପଞ୍ଚାୟତ ନୂଆପାଲିଠାରେ ପାରମ୍ପାରିକ ଗ୍ରାମସଭା ପାଇଁ ପଥରଗଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲୋକମୁକ୍ତି ସଂଗଠନ ଉପଦେଷ୍ଟା ଅନନ୍ତ ପଣ୍ଡା ଯୋଗଦେଇ ପଥରଗଡ଼ାର ମହତ୍ତ୍ୱ ଓ ପେସା ଆଇନ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ପ୍ରେମସୁଖ ସୁରୀନ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଗ୍ରାମର ଇତିହାସ ପଠନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିନିତ ସାମାଦ ଯୋଗଦେଇ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨ ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉହମୁଣ୍ଡା ଗ୍ରାମସଭା ସଭାପତି ନରବେଟ ଡୁଙ୍ଗଡୁଙ୍ଗ, ସିମଲିବାହାଲ ଏଫ୍‌ଆର୍‌ସି ସଭାପତି ଫ୍ରାନ୍ସିସ କୁଲୁ, ଆଶ୍ରିତା ତପ୍ପୋ, ଆମିତା ତପ୍ପୋ ଓ ଆଶ୍ରିତା ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗଦେଇ ସମସ୍ତ ଗ୍ରାମରେ କଡ଼ାକଡ଼ି ଭାବେ ପେସା ଆଇନ ଲାଗୁ କରାଗଲେ ବନବାସୀ ନିଜ ପ୍ରକୃତ ଅଧିକାର ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରୋଗୋରୀ ସମାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମୁଏଲ ଲୁଗୁନ, ଇସାକ ସରେଙ୍ଗ, ଦିବ୍ୟଶଙ୍କର ନାଏକ, ମାର୍କାସ ଲୁଗୁନ, ବିଳାସିନୀ ଭଇଁଷା ଓ ମାସିଦାସ ସମାଦ ପ୍ରମୁଖ ସହଯୋଗ କରିଥିଲେ। ସୁପ୍ରିମ କୋର୍ଟ ଦ୍ୱାରା ବନବାସୀଙ୍କ ଜଙ୍ଗଲ ଜମି ପଟ୍ଟା ଆବେଦନ ଖାରଜ ରାୟକୁ ବିରୋଧ କରାଯାଇଥିଲା।



ପଥରଗଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ହନୁମାନ ଜୟନ୍ତୀ ସମନ୍ୱୟ ସମିତି ବୈଠକ

ସମ୍ବଲପୁର,୨୬।୩(ବ୍ୟୁରୋ)
ଏପ୍ରିଲ ୧୪ରେ ହନୁମାନ ଜୟନ୍ତୀ ପାଳନ କରାଯିବ। ଏହାକୁ ଦୃଷ୍ଟିରେ ରଖି ଶ୍ରୀଶ୍ରୀ ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ପ୍ରସ୍ତୁତି ବୈଠକ ମଙ୍ଗଳବାର ରାତିରେ ସ୍ଥାନୀୟ ବ୍ରୁକ୍ସ ହିଲସ୍ଥିତ ରାମମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଛି। ପ୍ରଦୀପ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସୁଧୀର ରଞ୍ଜନ ବହିଦାର ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଏଥିସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସତ୍ୟନାରାୟଣ ପଣ୍ଡା ସଭାପତି, ଗିରୀଶ ପଟେଲ କାର୍ଯ୍ୟକାରୀ ସଭାପତି, ସୁଧୀର ରଞ୍ଜନ ବହିଦାର ସାଧାରଣ ସମ୍ପାଦକ, ପ୍ରଦୀପ କୁମାର ବହିଦାର, ଜୟବ୍ରତ ଦେ, ଗୋଲକ ବିହାରୀ ମିଶ୍ର, ଜଗଦୀଶ ବିଶ୍ୱାଳ, ଜୟନାରାୟଣ ମିଶ୍ର, ଶିବ କୁମାର ଅଗ୍ରୱାଲ, ରାମଚନ୍ଦ୍ର ମେହେର, ଦେବେନ୍ଦ୍ର ମହାପାତ୍ର, ପଣ୍ଡିତ ଅମରନାଥ ମିଶ୍ର, ସୁରେଶ ପୂଜାରୀ, ରବି ପଟ୍ଟନାୟକ, ନାଉରୀ ନାୟକ, ସିଦ୍ଧାର୍ଥ କୁମାର ସାହାଙ୍କୁ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଭାବେ ଚୟନ କରାଯାଇଛି। ଚଳିତବର୍ଷ ଭବ୍ୟ ଶୋଭାଯାତ୍ରା ସହ ହନୁମାନ ଜୟନ୍ତୀକୁ ଆକର୍ଷଣୀୟ କରାଯିବ। ଆସନ୍ତା ବୁଧବାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ହେବ। ଏଥିରେ ପୂର୍ଣ୍ଣାଙ୍ଗ କମିଟି ଘୋଷଣା କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜୀବ ଶତପଥୀ, ପ୍ରଦୀପ ସୁପକାର, ଦେବାଶିଷ ପୁରୋହିତ, ମୁକେଶ ଜରିୱାଲ, ସୌମିତ୍ର ଯତି, ଶୋଭନ ପଟ୍ଟନାୟକ, ଅଶ୍ୱିନୀ ମାଝି, ଶିଶିର ବହିଦାର, ଦେବନ୍ତ ବେହେରା, ପ୍ରକାଶ ପ୍ରଧାନ, ସରୋଜ ଘଡ଼େଇ, ଅନ୍ନପୂର୍ଣ୍ଣା ବାରିକ, ପ୍ରତିଭା ଦାଶ, ରୁନୁ ପ୍ରଧାନ, ସୁବର୍ଣ୍ଣ କୁଅଁର, ପ୍ରଭାସିନୀ ଦାଶ, ଶଶୀଭୂଷଣ ତ୍ରିପାଠୀ, ଅବିନାଶ ତିୱାରୀ, ଡା. ଶ୍ୟାମକାନ୍ତ ବିଶି, କାଞ୍ଚନ ଲୁହା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସହରର ବିଭିନ୍ନ ଅଞ୍ଚଳରୁ ୨୫ ଆଖଡ଼ା ଦଳର କର୍ମକର୍ତ୍ତା ଓ ସଦସ୍ୟ ସାମିଲ ଥିଲେ।



ସମ୍ବଲପୁର ରାମମନ୍ଦିର ସମ୍ମୁଖରେ ହନୁମାନ ଜୟନ୍ତୀ ପ୍ରସ୍ତୁତି ବୈଠକରେ ସତ୍ୟନାରାୟଣ ପଣ୍ଡା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ସମଲେଇଙ୍କ ଆଶୀର୍ବାଦ ନେଲେ ଭାଜପା ଲୋକ ସଭା ପ୍ରାର୍ଥୀ ନିତେଶ ଗଙ୍ଗଦେବ

ସମ୍ବଲପୁର,୨୬।୩(ବ୍ୟୁରୋ)

ଭାଜପା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ନିତେଶ ଗଙ୍ଗଦେବ ମଙ୍ଗଳବାର ଇଷ୍ଟଦେବୀ ସମଲେଇଙ୍କ ଦର୍ଶନ କରିଛନ୍ତି। ଲୋକ ସଭାରେ ସେ ବିଜୟୀ ହେବା ପାଇଁ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଅପରାହ୍ଣ ୫ଟାରେ ଗଙ୍ଗଦେବ ସମ୍ବଲପୁର ଜିଲା କଚେରି ରୋଡ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସମ୍ବଲପୁର ଭାଜପା ବିଧାନସଭା ପ୍ରାର୍ଥୀ ଜୟନାରାୟଣ ମିଶ୍ରଙ୍କ ସମେତ ବହୁ ନେତା ଓ କର୍ମୀ ସେଠାରେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଗଙ୍ଗଦେବ ହୀରାକୁଦ ଓ ବୁର୍ଲାରେ ନେତା ଓ କର୍ମୀଙ୍କ ସହ ନିର୍ବାଚନ ବିଷୟରେ ଆଲୋଚନା କରିଥିଲେ। ପଶ୍ଚିମ ଓଡ଼ିଶାରେ ଚାଷୀଙ୍କ ଉନ୍ନତି ହୋଇନାହିଁ। ଜଳାଭାବ ଯୋଗୁ ଚାଷ କାର୍ଯ୍ୟ ହୋଇପାରୁନାହିଁ। ଏଠାରେ ହୀରାକୁଦ ଡ୍ୟାମ୍ ଥିବା ସତ୍ତ୍ୱେ ସମ୍ବଲପୁର ଲୋକ ସଭା କ୍ଷେତ୍ରରେ ଜଳାଭାବ ଯୋଗୁ ଚାଷଜମି ପଡ଼ିଆ ପଡୁଛି। ତେଣୁ ଚାଷୀ ସମସ୍ୟା ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଭୋଟ ମାଗିବାକୁ ଯିବେ ବୋଲି ଖବରଦାତାଙ୍କ ସହ ସଂକ୍ଷିପ୍ତ କଥାବାର୍ତ୍ତା ବେଳେ ଗଙ୍ଗଦେବ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ଭାଜପା ବିଧାନସଭା ପ୍ରାର୍ଥୀ ନାଉରୀ ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ପୂର୍ବତନ ନଗରପାଳ ଗିରୀଶ ପଟେଲ, ବରିଷ୍ଠ ନେତା ଅନିଲ ବେହେରା, ପଶ୍ଚିମାଞ୍ଚଳ ଭାଜପା ମିଡିଆ ଆବାହକ ମାନସରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା କାର୍ଯ୍ୟାଳୟରେ ଲୋକ ସଭା ପ୍ରାର୍ଥୀ ନିତେଶ ଗଙ୍ଗଦେବଙ୍କୁ ସ୍ୱାଗତ କରାଯାଉଛି।

■ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ

## ନାଲ୍‌କୋ ଆଲୁମିନା ଅକ୍ସନରେ ଭାଗ ନେଇପାରିବ ବେଦାନ୍ତ

ସମ୍ବଲପୁର,୨୬।୩(ବ୍ୟୁରୋ)
ବେଦାନ୍ତ ଓ ନାଲ୍‌କୋ ମଧ୍ୟରେ ଆଲୁମିନାକୁ ନେଇ ଓଡ଼ିଶା ହାଇକୋର୍ଟ ମଙ୍ଗଳବାର ରାୟ ପ୍ରକାଶ କରିଛନ୍ତି। ନାଲ୍‌କୋର ଆଲୁମିନା ଅକ୍ସନରେ ବେଦାନ୍ତ ଭାଗ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ରାୟ ରାଜ୍ୟର ଅର୍ଥନୈତିକ ପ୍ରଗତି ଦିଗରେ ସହାୟକ ହେବ ବୋଲି କୁହାଯାଉଛି। ବେଦାନ୍ତ ଓ ନାଲ୍‌କୋ ଭଳି କମ୍ପାନୀ ଏକାଠି ହୋଇ ପ୍ରଗତି ଦିଗରେ ଯୋଗଦାନ କରିପାରିବେ ବୋଲି ମତ ପ୍ରକାଶ ପାଇଛି। ମଙ୍ଗଳବାର ଏ ନେଇ ବେଦାନ୍ତ କର୍ତ୍ତୃପକ୍ଷ ଏକ ପ୍ରେସ୍ ବିବୃତିରେ ହାଇକୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ଫେବୃୟାରୀ ୧ରେ ନାଲ୍‌କୋ ପକ୍ଷରୁ ହୋଇଥିବା ଆଲୁମିନା ଅକ୍ସନରେ ବେଦାନ୍ତ ଆବଶ୍ୟକ କାଗଜପତ୍ର ସହ ବିଡ୍ କରିଥିଲା। କିନ୍ତୁ ନାଲ୍‌କୋ ପକ୍ଷରୁ କୌଣସି ଜବାବ ମିଳି ନ ଥିଲା। ଅତୀତରେ ମଧ୍ୟ ବେଦାନ୍ତ ବହୁବାର ଏଭଳି ଚେଷ୍ଟା କରି ବିଫଳ ହୋଇଛି। ଏହାକୁ ନେଇ ୨୦୧୯ ଫେବୃୟାରୀ ୫ରେ ବେଦାନ୍ତ ଓଡ଼ିଶା ହାଇକୋର୍ଟରେ ଏକ ପିଟିଶନ୍ ଫାଇଲ କରିଥିଲା। ଏ ନେଇ 'ଓଡ଼ିଶା ସମ୍ପଦ ଓଡ଼ିଶା ପାଇଁ' ଅଭିଯାନରେ ଗତ ଜାନୁୟାରୀ ୧୯ରେ ୧୨ ହଜାରରୁ ଅଧିକ ଲୋକଙ୍କ ହସ୍ତାକ୍ଷର ସହ ଝାରସୁଗୁଡ଼ା ଜିଲା ନାଗରିକ କମିଟିର ପ୍ରତିନିଧି ଦଳ ନାଲ୍‌କୋ ମୁଖ୍ୟ କାର୍ଯ୍ୟାଳୟରେ ଆବେଦନପତ୍ର ପ୍ରଦାନ କରିଥିଲେ। ଏଥିସହ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଆବେଦନ କରାଯାଇଥିଲା। ଝାରସୁଗୁଡ଼ା ସ୍ଥିତ ବେଦାନ୍ତରେ ଗତ କିଛିମାସ ହେବ କଞ୍ଚାମାଲ ଆଲୁମିନା ଆବଶ୍ୟକ ପରିମାଣର ହୋଇନାହିଁ। କିନ୍ତୁ ନାଲ୍‌କୋ ବାର୍ଷିକ ୧ ମିଲିୟନରୁ ଅଧିକ ଆଲୁମିନା ବିଦେଶକୁ ରପ୍ତାନୀ କରୁଛି। ଏହି ପରିମାଣର ଆଲୁମିନା ରାଜ୍ୟରେ ବ୍ୟବହାର ହେଉ ବୋଲି ଦାବି କରାଯାଇଥିଲା। ନାଲ୍‌କୋ ନିଜ ଆଲୁମିନା ଅକ୍ସନରୁ ବାରମ୍ବାର ବେଦାନ୍ତକୁ ଉଚ୍ଛେଦ କରିଥିଲା। ତେଣୁ ବେଦାନ୍ତ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା।

# ସମ୍ପୂର୍ଣ୍ଣ ହେଉନି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

ସମ୍ବଲପୁର,୨୬।୩(ବ୍ୟୁରୋ)

କୃଷି ଓ କୃଷକଙ୍କ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ରାଜ୍ୟରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଅନେକ ସ୍ଥାନରେ ମରୁଡ଼ି ପରିସ୍ଥିତି ଉପୁଜୁଛି। ତେଣୁ ବର୍ଷା ପାଣିକୁ ସଞ୍ଚୟ କରି ଅଧିକ ଜମିକୁ ଜଳସେଚିତ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ବିଭିନ୍ନ ସ୍ଥାନରେ ଜଳସେଚନ, କ୍ଷୁଦ୍ର ଜଳସେଚନ, କାଡ଼ା ବିଭାଗ ମାଧ୍ୟମରେ ଜଳସେଚନ ପ୍ରକଳ୍ପ ହାତକୁ ନିଆଯାଇ ଚାଷୀଙ୍କୁ ପାଣି ଯୋଗାଇ ଦିଆଯିବା ସରକାରଙ୍କ ଉଦ୍ଦେଶ୍ୟ। କ୍ଷୁଦ୍ର ଜଳସେଚନ ବିଭାଗ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହି ବିଭାଗ ଅଧୀନରେ ମୁଖମନ୍ତ୍ରୀ ଆଡ଼ିବନ୍ଧ ଯୋଜନା ରହିଛି। ହେଲେ ସମ୍ବଲପୁର ଜିଲାରେ ଏହା ଫେଲ୍ ମାରିଥିବା ଅଭିଯୋଗ ହେଉଛି। ସେହପରି କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଅନ୍ୟ ପ୍ରକଳ୍ପ ମଧ୍ୟ ଅଧାଅପନ୍ତରିଆ ହୋଇ ପଡ଼ିଛି। ତେଣୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି।

ଚାଷଜମିକୁ ସୁଷମ ଜଳ ବଣ୍ଟନ କରିବାରେ କ୍ଷୁଦ୍ର ଜଳସେଚନ ବିଭାଗର ପ୍ରମୁଖ ଦାୟିତ୍ୱ ରହିଛି। ବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ମୋଟ ୧ ଲକ୍ଷ ୧୩ ହଜାର ୭୨୦ ହେକ୍ଟର ଚାଷଜମି ରହିଛି। ଏଥିମଧ୍ୟରୁ ମାତ୍ର ୧୯ ହଜାର ୯୪୯ ହେକ୍ଟର ଜମିକୁ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ପାଣି ଯୋଗାଇ ଦିଆଯାଉଛି। ଅନେକ ପ୍ରକଳ୍ପ କାର୍ଯ୍ୟରେ ତ୍ରୁଟି ଯୋଗୁ ପାଣି ସଞ୍ଚୟ ହୋଇ ରହୁ ନ ଥିବା ବେଳେ କେନାଲଗୁଡ଼ିକ ଭାଙ୍ଗି ପୋତି ହୋଇଯାଇଛି। ଅନେକ ଚେକ୍‌ଡ୍ୟାମ୍ ଭାଙ୍ଗି ପାଣି ପାଣି ନଷ୍ଟ ହେଉଥିବାରୁ ଜଳଭଣ୍ଡାର ଶୁଖିଲା ପଡ଼ିଛି। ତେଣୁ ଚାଷଜମିରେ ପାଣି ମାଡ଼ିପାରୁ ନାହିଁ। ଜିଲାରେ ମୋଟ ୭୦୭ ଆଡ଼ିବନ୍ଧ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ ମିଳିଥିବା ବେଳେ ୬୭୬ର କାମ ସମ୍ପୂର୍ଣ୍ଣ ହୋଇଥିବା ବିଭାଗ କହୁଛି। ହେଲେ ବାସ୍ତବରେ ସେଗୁଡ଼ିକ ଚାଷୀଙ୍କ କାମରେ ଆସିପାରିନାହିଁ। ସେହପରି ଡ୍ୟାମ୍ ମରାମତି, ପୁନରୁଦ୍ଧାର, ଆଧୁନିକୀକରଣ ଓ ସୁରକ୍ଷା ଉପରେ ମଧ୍ୟ ବିଭାଗ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ ଯୋଜନାରେ ଟଙ୍କା ଖର୍ଚ୍ଚ କରାଯାଉଛି, ହେଲେ ତାହା ଚାଷୀଙ୍କ କାମରେ ଲାଗି ପାରୁନାହିଁ। ଜିଲାରେ ମୁଖ୍ୟତଃ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା ଫେଲ୍ ମାରିଛି। ନିର୍ବାଚନ ପୂର୍ବରୁ ୨୦୧୮-୧୯ ଆର୍ଥିକବର୍ଷରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନାରେ ୩୧ ପ୍ରକଳ୍ପ ପାଇଁ ଟେଣ୍ଡର କରାଯାଇଥିଲା। ହେଲେ ତରବରିଆ ଭାବେ ୧୫ଟି ଆରମ୍ଭ କରାଯାଇଛି। ଅବଶିଷ୍ଟ ୧୬ଟିର କାମ ନିର୍ବାଚନ ଆଚରଣବିଧି ପାଇଁ ବନ୍ଦ କରି ଦିଆଯାଇଛି। ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକର କାମ ମଧ୍ୟ ଆଗାମୀ ଚାଷ ଋତୁ ପୂର୍ବରୁ ସମ୍ପୂର୍ଣ୍ଣ ହୋଇପାରିବା ନେଇ ସନ୍ଦେହ ଉପୁଜିଛି। ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପଟ୍ଟନାୟକଙ୍କୁ ପଚରାଯିବାରୁ ସେ କହିଲେ, ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ନିର୍ବାଚନ ପରେ ଏହି ଯୋଜନାର ଅନ୍ୟ ପ୍ରକଳ୍ପଗୁଡିକର କାମ ଆରମ୍ଭ ହେବ। ପ୍ରକଳ୍ପ ମରାମତି ନେଇ ମଧ୍ୟ ଚାଷୀମାନେ ଅଭିଯୋଗ କରିଛନ୍ତି। ତାହା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପଟ୍ଟନାୟକ କହିଥିଲେ।

### ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା ଫେଲ୍



ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକରେ ଥିବା ଏକ ଚେକ୍‌ଡ୍ୟାମ ଭଗ୍ନ ଅବସ୍ଥାରେ ପଡ଼ି ରହିଛି।



"ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।

- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଶିଶୁ ମନ୍ଦିରରେ ଅଭିଭାବକ ସମ୍ମିଳନୀ

**ଉଲୁଣ୍ଡା, ୨୬।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଇଁଲାଛାଟ ଛକଠାରେ ଥିବା ଚଡେଇପଙ୍କ ସରସ୍ୱତୀ ଶିଶୁ ମନ୍ଦିରରେ ମଙ୍ଗଳବାର ଅଭିଭାବକମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡାକ୍ତର ଶ୍ରୀବତ୍ସ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରାୟ ୪୦ଜଣ ଅଭିଭାବକ ଯୋଗଦେଇଥିଲେ। ମା' ସରସ୍ୱତୀଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବିଶେଷ କରି ନୂତନ ବର୍ଷ ପାଇଁ ନୀତିନିୟମ, ବିଭିନ୍ନ ଯୋଜନା ଏବଂ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ସଞ୍ଜୀବ କୁମାର ପୁରୋହିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଚ୍ୟୁତାନନ୍ଦ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଗୁରୁମା ଗୁରୁଜୀ ଏଥିରେ ସହଯୋଗ କରିଥିଲେ।

### ମା' ସମଲେଶ୍ୱରୀଙ୍କ ଶୀତଳ ଯାତ୍ରା

**ବରଗଡ଼ ଅଫିସ୍, ୨୬।୩:** ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଶୀତଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ସ୍ୱରୂପ ନିମ୍ବ ଡ଼ାଳକୁ ସହର ପରିକ୍ରମା କରାଯାଇଥିଲା। ଭକ୍ତମାନେ ନିମ୍ବ ଡାଳକୁ ପୂଜାର୍ଚ୍ଚନା କରିଥିଲେ। ସମଲେଶ୍ୱରୀ ମନ୍ଦିରର ପୂଜକ ନିମ୍ବଡ଼ାଳକୁ ପୂଜାର୍ଚ୍ଚନା ପରେ ତାକୁ ଧରି ଭକ୍ତମାନେ ସହର ପରିକ୍ରମା କରିଥିଲେ । ସହରବାସୀ ଘର ସମ୍ମୁଖରେ ଗରା, ବାଲଟିରେ କ୍ଷୀର, ପଣା, ପାଣି ଆଣି ନିମ୍ବଡ଼ାଳରେ ଢ଼ାଳିଥିଲେ । ସେଭଳି ପୂଜାର୍ଚ୍ଚନା କଲେ ବସନ୍ତ, ମିଳିମିଳା ଆଦି ରୋଗରୁ ମୁକ୍ତି ମିଳେ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ଫଳରେ ଶୀତଳ ଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ।

### ବଲାଙ୍ଗୀର ଏନ୍ଏଚ୍ ଡିଭିଜନ: ରାତିଅଧିଆ ଜାତୀୟ ରାଜପଥ ମରାମତି

**ଡୁଙ୍ଗୁରିପାଲି, ୨୬।୩(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଜାତୀୟ ରାଜପଥରେ ସୋମବାର ରାତିରେ ମହିଳା ଶ୍ରମିକଙ୍କ ଦ୍ୱାରା ପିଚୁ କାମ କରାଯାଇଥିବା ଅଭିଯୋଗ ହୋଇଛି। ବରଗଡ-ବୋରିଗୁମା ୨୬ ନମ୍ବର ଜାତୀୟ ରାଜପଥର ଡୁଙ୍ଗୁରିପାଲି ହାଇସ୍କୁଲ ଛକ ଓ ଏଫସିଆଇ ମଝି ବୁଲାଣି ରାସ୍ତାର ଅନେକ ସ୍ଥାନରେ ପିଚୁ ଉଠି ଯାଇ ଖାଲଖମା ସୃଷ୍ଟି ହୋଇଥିଲା। ଉକ୍ତ ରାସ୍ତାର ଆବଶ୍ୟକ ମରାମତି ପାଇଁ ବଲାଙ୍ଗୀର ଏନ୍ଏଚ୍ ଡିଭିଜନ ତରଫରୁ ମହିଳା ଶ୍ରମିକଙ୍କୁ ନିୟୋଜିତ କରି ରାତିଅଧିଆ କାର୍ଯ୍ୟ ସମ୍ପାଦନ କରାଯାଉଥିବା ଦୃଷ୍ଟିଗୋଚର ହୋଇଥିଲା। ଏପରିକି ରାସ୍ତା ମରାମତି ସମୟରେ କୌଣସି ସତର୍କ ସୂଚନା କିମ୍ବା ଆଲୁଅର ବ୍ୟବସ୍ଥା କରା ନ ଯାଇ ରୋଲର ଆଲୁଅରେ କାର୍ଯ୍ୟ ସମ୍ପାଦନା କରାଯାଇଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଉପସ୍ଥିତ ବିଭାଗୀୟ ଏକଜିକ୍ୟୁଟିଭ ଇଞ୍ଜିନିୟର ସୁନୀଲ ପାଢ଼ୀଙ୍କୁ ପଚାରିବାରୁ ଦିନବେଳା କାମ କରିବା ସମ୍ଭବ ହେଉନାହିଁ ତେଣୁ ରାତିରେ କାମ କରାଯାଉଛି ବୋଲି କହିଥିଲେ।

ସୋନପୁର ବିଧାନସଭା କ୍ଷେତ୍ର

# ବିଜେଡି, ଭାଜପା, କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

**ସୋନପୁର, ୨୬।୩(ନି.ପ୍ର)**





ଭାଜପା ପ୍ରାର୍ଥୀ ଅଶୋକ କୁମାର ପୂଜାରୀ ରିଟର୍ନିଂ ଅଫିସରଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି (ବାମ)। କଂଗ୍ରେସ ପ୍ରାର୍ଥୀ ଚିତ୍ତରଞ୍ଜନ ମିଶ୍ର ନାମାଙ୍କନ ପତ୍ର ଦାଖଲ କରୁଛନ୍ତି (ମଝି)। ସ୍ୱାଧୀନ ପ୍ରାର୍ଥୀ ନବକୃଷ୍ଣ ଦନ୍ତା ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ।

ଏପ୍ରିଲ ୧୮ ଦ୍ୱିତୀୟ ପର୍ଯ୍ୟାୟରେ ଭୋଟଗ୍ରହଣ ହେବାକୁ ଥିବା ନିର୍ବାଚନ ମଣ୍ଡଳୀଗୁଡିକ ପାଇଁ ପ୍ରାର୍ଥୀପତ୍ର ଦାଖଲ ସକାଶେ ମଙ୍ଗଳବାର ଥିଲା ଅନ୍ତିମ ଦିବସ । ଏହି ପରିପ୍ରେକ୍ଷିରେ ସୋନପୁର ଆସନ ସକାଶେ ମଙ୍ଗଳବାର ୬ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ମନ୍ତ୍ରୀ ନିରଞ୍ଜନ ପୂଜାରୀ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପୂଜାରୀଙ୍କ ସହିତ ବିଜେଡି ଜିଲା ସଭାପତି ସରୋଜ କମ୍ପ, ଉପସଭାପତି ରମେଶ ପୂଜାରୀ, ଡୁଙ୍ଗୁରିପାଲି ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ରାଜକୁମାର ସୁନା ଓ ଗୋପାଳ ବରେଇ ଉପସ୍ଥିତ ଥିଲେ। ଭାଜପା ପକ୍ଷରୁ ଅଶୋକ କୁମାର ପୂଜାରୀ ହଜାର ହଜାର କର୍ମୀ ଓ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସି ରିଟର୍ନିଂ ଅଫିସର ବଳରାମ ମଲ୍ଲିକଙ୍କ ପାଖରେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲା ପରିଷଦ ଉପାଧକ୍ଷ ରୁଦ୍ର ପ୍ରସାଦ ମହଲା, ଜିଲା ପରିଷଦ ସଭ୍ୟ ଜୟନାରାୟଣ ନେଗୀ, ପୂର୍ଣ୍ଣଚନ୍ଦ୍ର ବିଶି, ଜିଲା ପରିଷଦ ସଭ୍ୟା ତଥା ଭାଜପା ମହିଳା ମୋର୍ଚ୍ଚାର ଜିଲା ସଭାନେତ୍ରୀ ଗାୟତ୍ରୀ ପାଣିଗ୍ରାହୀ, ଭାଜପା ଜିଲା ସଭାପତି ବିଜୟ କୁମାର ମହାକୁର, ପ୍ରାକ୍ତନ ଜିଲା ସଭାପତି ବଳଦେବ ପ୍ରସାଦ ବେଦ୍‌ବାକ, ରାଜକିଶୋର ମେଣ୍ଡଲି, ସୁରେଶ ମହଲା, ଶିବରାମ ମିଶ୍ର, ହେମନ୍ତ ବିଶ୍ୱାଳ ଓ କୃଷକ ମୋର୍ଚ୍ଚା ଜିଲା ସଭାପତି କରମଚାନ୍ଦ ମହାନ୍ତି ପ୍ରମୁଖ ସାମିଲ ଥିବା ଦେଖିବାକୁ ମିଳିଥିଲା । ସେହିପରି କଂଗ୍ରେସ ପ୍ରାର୍ଥୀ ଚିତ୍ତରଞ୍ଜନ ମିଶ୍ର ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପରେ ମିଶ୍ର ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏଥିରେ ଦଳର ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର, ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ, ସର୍ବେଶ୍ୱର ପୁରୋହିତ, ପିସିସି ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ, ଗୌରିଶଙ୍କର ମହାପାତ୍ର, ଚନ୍ଦ୍ରମଣି ତ୍ରିପାଠୀ, ସୁଧୀର ପଣ୍ଡା, ରାଜେଶ ମିଶ୍ର ଓ ମହିଳା କଂଗ୍ରେସ ସଭାନେତ୍ରୀ ସୂଯର୍ୟକାନ୍ତି ବାଗ ପ୍ରମୁଖ ସାମିଲ ହୋଇଥିଲେ। ଏମାନଙ୍କ ବ୍ୟତୀତ ଆମ୍ବେଦକ୍ରାଇଟ୍ ପାର୍ଟି ଅଫ ଇଣ୍ଡିଆର ପିପିନ ଚନ୍ଦ୍ର ଛତ୍ରିଆ, ସ୍ୱାଧୀନ ପ୍ରାର୍ଥୀ ନବକୃଷ୍ଣ ଦନ୍ତା ଓ ଦେବେନ୍ଦ୍ରୀ ଭୁଏ ପ୍ରମୁଖ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୨୭ ତାରିଖରେ ପ୍ରାର୍ଥୀପତ୍ର ଗୁଡିକର ଯାଞ୍ଚ କରାଯିବ ବୋଲି ଜଣାପଡିଛି ।





ରିଟର୍ନିଂ ଅଫିସରଙ୍କଠାରେ ବିଜେଡି ପ୍ରାର୍ଥୀ ଭାବେ ବିଧାୟକ ପଦ୍ମନାଭ ବେହେରା ନାମାଙ୍କନପତ୍ର ଦାଖଲ କରୁଛନ୍ତି (ବାମ) । କଂଗ୍ରେସ ପ୍ରାର୍ଥୀ ବିନୋଦ ପାତ୍ରଙ୍କ ପ୍ରାର୍ଥୀପତ୍ର ଦାଖଲ (ମଝି) । ଏପିଆଇ ପ୍ରାର୍ଥୀ ନବୀନ ଭୋଇ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

## ପଦ୍ମନାଭଙ୍କ ସମେତ ୫ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

**ବୀରମହାରାଜପୁର, ୨୬।୩(ଡି.ଏନ୍.ଏ)**

**ବୀରମହାରାଜପୁର ନିର୍ବାଚନମଣ୍ଡଳୀ**

ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସରେ ମଙ୍ଗଳବାର ବୀରମହାରାଜପୁର ସଂରକ୍ଷିତ ବିଧାନସଭା କ୍ଷେତ୍ରରେ ୫ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ହୋଇଛି। ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ତୃତୀୟ ଥର ପାଇଁ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ବିନୋଦ ପାତ୍ର ମଧ ରିଟର୍ନିଂ ଅଫିସର ତଥା ସ୍ଥାନୀୟ ଉପଜିଲାପାଳ ସୁବ୍ରତ କୁମାର ବେହେରାଙ୍କଠାରେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏତଦ୍‌ବ୍ୟତୀତ ନବୀନ ଭୋଇ ଆମ୍ବେଦ୍‌କ୍ରାଏଟ ପାର୍ଟି ଅଫ୍ ଇଣ୍ଡିଆ ( ଏପିଆଇ )ର ପ୍ରାର୍ଥୀ ଏବଂ ଅକ୍ଷୟ ବିଭାର ଓ ଇଂ.ଆଶ୍ରୟ ମହାନନ୍ଦ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବା ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଏଠାରେ ସୂଚନାଯୋଗ୍ୟ ଯେ, କଂଗ୍ରସ ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଗତ ଶନିବାର ରୋଡ୍ ଶୋ ମାଧ୍ୟମରେ ତାର ଶକ୍ତି ପ୍ରଦର୍ଶନ କରିଥିବା ବେଳେ ଇଂ. ଆଶ୍ରୟ ମହାନନ୍ଦ ଭାଜପାର ଜଣେ ଆଶାୟୀ ପ୍ରାର୍ଥୀ ଥିଲେ। ହେଲେ ଟିକେଟ ବଣ୍ଟନରେ ଅସନ୍ତୋଷ ବ୍ୟକ୍ତ କରି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ଆଗ୍ରହ ପ୍ରକାଶ କରିଥିବା ଚର୍ଚ୍ଚା ହେଉଛି।

## ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ବିଜେଡିର ଶକ୍ତି ପ୍ରଦର୍ଶନ

**ବୀରମହାରାଜପୁର, ୨୬।୩(ଡି.ଏନ୍.ଏ)**

ନାମାଙ୍କନ ପତ୍ର ଦାଖଲର ଅନ୍ତିମ ତିଥିରେ ମଙ୍ଗଳବାର ବିଜେଡି ଶକ୍ତି ପ୍ରଦର୍ଶନକୁ ଜୋରଦାର କରିଥିଲା। ଦଳର ପ୍ରାର୍ଥୀ ଥିବା ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ତୃତୀୟ ଥର ପାଇଁ ଏହି ସଂରକ୍ଷିତ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବାରୁ ଏହି ପ୍ରାରମ୍ଭିକ ପର୍ବକୁ ପ୍ରଭାବଶାଳୀ ଢଙ୍ଗରେ ସମ୍ପନ୍ନ କରିବାପାଇଁ ଦଳୀୟ କର୍ମକର୍ତ୍ତା ଓ ସମର୍ଥକ ଜୋର ଦେଇଥିଲେ। ବୀରମହାରାଜପୁର ବସ୍ତିର ଉପକଣ୍ଠ ଚମ୍ପାପୁରଠାରୁ ବାହାରିଥିବା ଶୋଭାଯାତ୍ରାରେ ପ୍ରାର୍ଥୀ ବେହେରାଙ୍କ ସହିତ ବଲାଙ୍ଗୀର ଲୋକ ସଭା କ୍ଷେତ୍ରର ଦଳୀୟ ପ୍ରାର୍ଥୀ ତଥା ବର୍ତ୍ତମାନର ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କ ଉପସ୍ଥିତ ଥିଲେ। ଏଥିରେ ସାମିଲ ଥିଲେ ବିଧାୟକଙ୍କ ପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା ଏବଂ ବିଜେଡିର ସମସ୍ତ ଦଳୀୟ କର୍ମକର୍ତ୍ତା, ବିଭିନ୍ନ ପଦାଧିକାରୀଙ୍କ ସହ ପ୍ରମୁଖ ନେତୃମଣ୍ଡଳୀ। ଉପଖଣ୍ଡ ମୁଖ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ଲମ୍ବିଥିବା ଏହି ରୋଡ୍‌ଶୋରେ ବିଭିନ୍ନ ପାରମ୍ପରିକ ଲୋକନାଚ ଓ ଲୋକବାଦ୍ୟ ଦଳଙ୍କୁ ସାମିଲ କରାଯାଇଥିବାରୁ ପ୍ରାୟ ଦୁଇଘଣ୍ଟା ପର୍ଯ୍ୟନ୍ତ ବସ୍ତିର ପ୍ରମୁଖ ରାସ୍ତାସବୁ ଜାମ୍ ହୋଇ ପଡିଥିଲା। ଫଳରେ ସାଧାରଣ ଜୀବନ ଯାତ୍ରା ମଧ ଅନେକାଂଶରେ ବ୍ୟାହତ ହୋଇଥିବା ଦେଖାଯାଇଥିଲା।

## ମାଧ୍ୟାକର୍ଷଣ ଜନିତ ତରଙ୍ଗ ଶୀର୍ଷକ ଆଲୋଚନାଚକ୍ର

**ସୋନପୁର, ୨୬।୩(ନି.ପ୍ର)**

ସୋନପୁର କଲେଜର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ମାଧ୍ୟାକର୍ଷଣ ଜନିତ ତରଙ୍ଗ ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ତଥା କଲେଜର ଉପାଧକ୍ଷ ପ୍ରଫେସର ତରୁଣ କୁମାର ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। କଲେଜ ଅଧକ୍ଷ ଡ. କେଦାର ନାଥ ମିଶ୍ର ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ପ୍ରତିକ୍ଷା ମେହେର ଓ ସୃଷ୍ଟି ସୁଲଗ୍ନା ମିଶ୍ର । ବିଭାଗର ପ୍ରାକ୍ତନ ମୁଖ୍ୟ ତଥା ଅବସରପ୍ରାପ୍ତ ଅଧକ୍ଷ ନାରାୟଣ ପ୍ରସାଦ ରାୟଗୁରୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କପିଳେଶ୍ୱର ଶତପଥୀ ମାଧ୍ୟାକର୍ଷଣ ଜନିତ ତରଙ୍ଗ ଉପରେ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ। ବିଭାଗୀୟ ମୁଖ୍ୟ ତଥା ଉପାଧକ୍ଷ ତରୁଣ କୁମାର ମିଶ୍ର ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରି ବିଭାଗର ନାମ ରଖିବା ପାଇଁ କହିଥିଲେ। ବିଭାଗ ପକ୍ଷରୁ ଡ. ବିଜୟ ବୋହିତା, ଡ. ଅନିଲ ଗଙ୍ଗଦେବ ଓ ସଙ୍ଗମ ପଶାୟତ ପ୍ରମୁଖ ବିଷୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରୀ ସଙ୍ଗୀତା ମିଶ୍ର, ଛାତ୍ର ମହେଶ ମିଶ୍ର, ଦେବାଶିଷ ମେହେର ଓ ସୌମ୍ୟରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

**ଡୁଙ୍ଗୁରିପାଲି, ୨୬।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି-ମହଦା ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଚେରୁପାଲିରୁ କପାସିରା ମହଦା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୪ କୋଟି ୯୪ ଲକ୍ଷ ୧୬ ହଜାର ଟଙ୍କା ମଞ୍ଜୁର ହୋଇଛି। ଚେରୁପାଲିରୁ କପାସିରା ପର୍ଯ୍ୟନ୍ତ ପିଚୁକାମ ଚାଲୁଥିବାବେଳେ ଦିଗସିରା ହସପିଟାଲ ପଦର ଛକରେ ରାସ୍ତା କାମରେ ଅନିୟମିତତା ଓ ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସରପଞ୍ଚ ଲବ ମେହେର ଓ ଗ୍ରାମବାସୀ ଛକରେ ଠିକ ଭାବରେ ପିଚୁ କାମ କରିବା ପାଇଁ ଯନ୍ତ୍ରୀ ଓ ଠିକାଦାରଙ୍କୁ ଅନୁରୋଧ କରିଥିଲେ। ହେଲେ ସ୍ଥାନୀୟ ବାସିନ୍ଦାଙ୍କ କଥାକୁ ଠିକା ସଂସ୍ଥା ଗୁରୁତ୍ୱ ଦେଇନାହିଁ। ଫଳରେ ସୁନାପାଲି ଓ ଦିଗସିରାକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଠିକ ଭାବରେ ପିଚୁ ନ ଥିବାରୁ ରାସ୍ତା ସଂଯୋଗ ହୋଇଥିବା ସ୍ଥାନରେ ଖାଲଖମା ହୋଇ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ଏପରିକି ପିଚୁ କାମ ପରେ ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଭର୍ତ୍ତି କରାଯାଇନାହିଁ। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରାକେଶ ରଞ୍ଜନ ବେହେରାଙ୍କୁ ଯୋଗାଯୋଗ କରିବାରୁ କାମ ଚାଲିଛି। ପରେ ଉକ୍ତ କାମ କରି ଦିଆଯିବ ବୋଲି କହିଥିଲେ।

## ଅଜନା ରୋଗ୍‌ରେ ଖଟେ ଶଢୁଛନ୍ ବିଶ୍ୱଜିତ

**ବିନିକା, ୨୬।୩(ଡି.ଏନ୍.ଏ)**



ବିଶ୍ୱଜିତର ଚିକିତ୍ସା ଲାଗି ଗାଁର ଯୁବକମାନେ ହାତ୍ ବଢ଼େଇଛନ।

**ସରକାରୀ ଯୋଜନା ବାଟ୍‌ବନା**

- ୨ ବଛର ତଲେ ଦେବାନନ୍ଦକଁର ମୁର୍ତ୍ତୁ ହେଇଛେ
- ଅଜନା ରୋଗ୍‌ରେ ଖଟେ ପଡ଼ିଛନ୍ ଭେଁଡ଼ା ପୁଓ
- ପରିବାରକେ ସାତ୍‌ସପନ ହେଇଛେ ସରକାରୀ ଯୋଜନା
- ବିଶ୍ୱଜିତର ଚିକିତ୍ସା ଲାଗି ଗାଁର ଯୁବକମାନେ ହାତ୍ ବଢ଼େଇଛନ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଏସ୍.ରାମପୁର ତହସିଲ ଅଧୀନ ବାଙ୍କିପାଲି ଗାଁର କେନାଲପଡ଼ାରେ ରହୁଛନ୍ ସ୍ୱର୍ଗତ ଦେବାନନ୍ଦ ନାଏକକଁର ପରିବାର। ଗଲା ୨ ବଛର ତଲେ ଦେବାନନ୍ଦକଁର ମୁର୍ତ୍ତୁ ହେଇଥିଲା ବେଲେ ଏହେଦେ ଘରେ ରୁଜଗାରିଆ ଭେଁଡ଼ିଆ ପୁଓ ଅଜନା ରୋଗ୍‌ରେ ଖଟେପଡ଼ି ଶଢୁଛନ୍। ଇଆଡ଼େ ପରିବାର ଯାକ ତାକର ଚିକିତ୍ସା ଲାଗି ଟଁକା ଯୁଗାଡ଼ରେ ଲାଗିଥିଲାବେଲେ ସରକାରୀ ସାହାଯରୁ ବଁଚିତ ହେଇ ରହିଛନ୍।

ସୂଚନା ଅନ୍‌ସାରେ ଏସ୍. ରାମପୁର ତହସିଲ ଅଧୀନ କେନାଲପଡ଼ାରେ ରହୁଛନ୍ ସ୍ୱର୍ଗତ ଦେବାନନ୍ଦ ନାଏକକଁର ପରିବାର। ଏହେଦେ ପରିବାରରେ ଦେବାନନ୍ଦକଁର ବିଧବା ମାଏକିନା ସରୋଜିନୀ(୬୪), ପୁଓ ବିଶ୍ୱଜିତ(୨୪), ପଙ୍କଜ(୧୫) ଆର ଝିଁ ବବିତା(୧୯) ଅଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଦୁଖ୍‌ସୁଖ୍ କରି ଚଲୁଛନ୍। ଆଏଜ୍‌କେ ୨ ବଛର ତଲେ ଦେବାନନ୍ଦ ଖେତେ ମୂଲିଆ କାମ୍ କଲାବେଲେ ଝାଡ ଖରାରେ ତାକର ମୁର୍ତ୍ତୁ ହେଇଥିଲା। ଏନ୍ତାଥି ଘରର ବୋଝ୍ ବଡ଼ଖା ପୁଓ ବିଶ୍ୱଜିତ ଉପରେ ପଡ଼ିଥିଲା। ହେଲେ ବିଧାତାର ଲେଖା ଥିଲା ଅଲଗ୍। ଦିନାକେତେ ଉତାରୁ ବିଶ୍ୱଜିତ ବି କେହେନ୍‌ସି ଗୁଟେ ଅଜନା ରୋଗ୍‌ର ଶିକାର ହେଲେ। ବିଶ୍ୱଜିତର ଇ ଅବସ୍ତା ଦେଖି ପରିବାର ଲୋକ୍ ଦୁଖେ ଭାଂଗିପଡ଼ଲେ। ପରିବାର ଲୋକ୍ ଘରର ଖୁଟିଗିନା ବିକିଭାଂଗା କରି ବଲାଙ୍ଗୀର, ସମ୍ବଲପୁର ଆର ବୁର୍ଲା ନେଇ ଚିକିତ୍ସା କରାଲେ, ରୋଗ୍ ଜନା ନାଇଁପଡ଼ଲା। ଶେଷେ ପଏସା କଉଡ଼ ଅଭାବୁ ମା' ସରୋଜିନୀ ନିରାଶ ହେଇ ପୁଓକେ ଘରକେ ଫିରେଇ ଆନ୍‌ଲେ। ଏହେଦେ ଝିଁ ବବିତା ପାଠ୍‌ପଢ଼ା ଛାଡ଼ି ମା'ର ସଂଗେ କୁଲିମଜୁରି କରି କୁଟୁମ ପୁଷୁଛନ୍। ମାଟ୍ରିକ ପରୀକ୍ଷା ଦେଇଥିବାର ସାନ ଭାଇ ପଙ୍କଜର ପଢ଼ାଶୁନା କଥା ବୁଝୁଛନ୍। ପରିବାରର ଇ ପରକାର ଦୁଖ୍‌ଦେଖି ଗାଁର ଯୁବକ ସଂଘର ପିଲାମାନେ ବିଶ୍ୱଜିତର ଚିକିତ୍ସା ଲାଗି ହାତ ବଢ଼େଇଛନ୍। ସେମାନେ ବିଶ୍ୱଜିତର ଚିକିତ୍ସା ଲାଗି ୧୨ ହଜାର ଟଁକା ଠୁଲେଇଛନ୍, ଆର ୨୫ରୁ ୩୦ ହଜାର ଟଁକା ଜମା ହେଲେ ବିଶ୍ୱଜିତକେ ବୁର୍ଲା ବଡ଼ ଡାକ୍ତରଖାନାରେ ଚିକିତ୍ସା କରାବାର ଯୋଜନା କରିଛନ୍। ଏନ୍ତା ପରିସ୍ଥିତିରେ ପରିବାରକେ ମିଲୁଥିବାର ସରକାରୀ ସାହାଯ୍ କହେଲେ ପଁଚେତ୍‌ରୁ ମିଲୁଥିବାର ୨୦ କେ.ଜି. ଚାଉଲ ନ ସାହାଭରସା। ଇଆଡ଼େ ଆପ୍‌ନେ ଚାଲିଯିବାର ୨ ବଛର ବିତିଯାଇଥିଲେ ବି ସରୋଜିନୀ ବିଧବା ଭତା ପାଏବାରୁ ବଁଚିତ ହେଇ ରହିଛନ୍। ସେନ୍ତା ପରିବାରଟା ନିହାତି ଗରିବ ଆର ଗୁଟେ ଭଂଗା ଦଦରା ଘରେ ବିପଦ ଅବସ୍ତାରେ ରହୁଥିଲେ ବି ସରକାରକଁର ଆବାସ ଯୋଜନାରୁ ବଁଚିତ ହେଇ ରହିଛନ୍। ବିଶ୍ୱଜିତ ଅଜନା ରୋଗ୍‌ରେ ପଡ଼ି ଜୀବନ୍ ମରନ୍ ସଂଗେ ଯୁଝୁଥିଲେ ବି ଆଏଜ୍‌ତକ୍ ଥାନୀୟ ପରଶାସନର ନଜର ନାଇଁ ପଡ଼ବାରଟା ନିହାତି ଗୁଟେ ଦୁଖର କଥା ବଲି ଥାନୀୟ ଲୋକ୍ କହିଛନ୍। ଯେତେ ଜଲ୍‌ଦି ହେବା ଜିଲା ଆର ବ୍ଲକ ପରଶାସନ ଇ ଦୁଖି ପରିବାର ଉପରେ ଦୁରୁଷ୍ଟି ଦେଇ ସବୁପରକାର ସରକାରୀ ଯୋଜନାରେ ସାମିଲ କରବାର ସଂଗେ ବିଶ୍ୱଜିତକେ ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ଗାଁର ଚଉବର୍ଗ ଭୁଏ, ସୁମନ୍ତ ପଧାନ, ଇଶ୍ୱୋ ରାଓ, ମନୋଜ ପଧାନ, ସତ୍ୟଜିତ ପଧାନ ପରମୁଖ ଦାବି କରିଛନ୍।

## ପୋଲିସର ଯାନବାହନ ଯାଞ୍ଚ

**ଉଲୁଣ୍ଡା, ୨୬।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପୋଲିସ ପକ୍ଷରୁ ନିର୍ବାଚନକୁ ଆଖି ଆଗରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ସହିତ ଆର୍ଥିକ ଅନିୟମିତତାକୁ ରୋକିବା ପାଇଁ କଡାକଡି ଭାବେ ଯାନବାହାନ ଯାଞ୍ଚ କରାଯାଉଛି। ସକାଳ ଏବଂ ଅପରାହ୍ନରେ ଅତିରିକ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ଉପସ୍ଥିତିରେ ଯାନବାହାନ ଯାଞ୍ଚ ଚାଲିଛି। ବିଶେଷ କରି ଦୁଇଚକିଆ ଏବଂ ଚାରିଚକିଆ ଯାନର କାଗଜ ପତ୍ର, ଲାଇସେନ୍ସ ଆଦି ନିରୀକ୍ଷଣ କରାଯାଉଛି। ଏଥିରେ ଏଏସଆଇ ଅଭିମନ୍ୟୁ ରଥଙ୍କ ସମେତ ବିଭିନ୍ନ ପୋଲିସ କର୍ମଚାରୀ ସାମିଲ ହେଉଛନ୍ତି।


**IN THE DEBTS RECOVERY TRIBUNAL AT CUTTACK**

**C-71, Sector-7, CDA, Cuttack- 753014 (Odisha)**

**O.A.No. 392/2018**

**Utkal Grameen Bank**
Stressed Asset Recovery Branch Sambalpur........ Applicant
-Versus-
**Dhirendra Mahakud** & Others ........... Defendants

To,
Defendant No.1: **Dhirendra Mahakud**, S/o: Sahadev Mahakud, At/PO- Ghagurli, Ps- Belpada, Dist- Bolangir, PIN- 767026
Defendant No.2: **Sudhir Mahakud**, S/o: Baikuntha Mahakud, At/PO- Bharuapali, Ps- Belpada, Dist- Bolangir, PIN- 767026
Defendant No.3: **Mahendra Mahakud,** S/o: Markanda Mahakud, At/PO- Ghagurli, Ps- Belpada, Dist- Bolangir, PIN- 767026

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 13,63,942.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 26th day of April, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 19th day of March, 2019.

**Sd/- Registrar (I/c)**
**Debts Recovery Tribunal, Cuttack**



**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. 14/ET/SBP/ENGG/ 2018-19, ତାରିଖ. 19.03.2019

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.38-eT-DENC-SBP-18

**କାର୍ଯ୍ୟର ନାମ:** 24 ମାସ ନିମନ୍ତେ ସମ୍ବଲପୁର ଠାରେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ ଏବଂ ଏହାର ପରିସର, TRD କାର୍ଯ୍ୟାଳୟ ଇତ୍ୟାଦିର ଯନ୍ତ୍ରୀକୃତ ସଫେଇ ଏବଂ ସ୍ୱଚ୍ଛତା(ଦେଖାଶୁଣା) ସମ୍ବନ୍ଧୀୟ ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 26,21,408.60, EMD(ଟଙ୍କାରେ): 52,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 24(ଚବିଶି)ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.41-eT-DENC-SBP-18

**କାର୍ଯ୍ୟର ନାମ:** ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁର ଠାରେ 15 KLD କ୍ଷମତା ବିଶିଷ୍ଟ FRP ଭିତ୍ତିକ ସିଙ୍ଗିଲ୍ ପ୍ୟାକେଜ୍ ସିୱେଜ (Sewage) ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (Treatment Plant)ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 19,23,306.51, EMD (ଟଙ୍କାରେ): 38,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ): 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 03(ତିନି)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.10.04.2019ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ସମ୍ବଲପୁର

PR-564/J/18-19



"କାମ, କ୍ରୋଧ, ଲୋଭ ଏହି  ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ବୌଦ୍ଧ, କନ୍ଧମାଳ ନିର୍ବାଚନମଣ୍ଡଳୀ ୮ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ବୌଦ୍ଧ,୨୬।୩(ସ୍ୱ.ପ୍ର.):** ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ମଙ୍ଗଳବାର ଥିଲା ନାମାଙ୍କନପତ୍ର ଦାଖଲର ଶେଷ ଦିନ। ଏନେଇ ବୌଦ୍ଧ ଜିଲାର ବୌଦ୍ଧ ଓ କନ୍ଧମାଳ ନାର୍ବାଚନମଣ୍ଡଳୀ ପାଇଁ ସୋମବାର ବିଜେଡି ପକ୍ଷରୁ ବୌଦ୍ଧ ନିର୍ବାଚନମଣ୍ଡଳି ପ୍ରାର୍ଥୀ ପ୍ରଦୀପ କୁମାର ଅମାତ, କନ୍ଧମାଳ ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ମହାଧର ରଣା, ବୌଦ୍ଧର ସିପିଆଇ ଏବଂ କଂଗ୍ରେସର ମିଳିତ ପ୍ରାର୍ଥୀ ଅବକାଶ ସାହୁ, କନ୍ଧମାଳ ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ସାହୁ, ସ୍ୱାଧୀନ ପ୍ରାର୍ଥୀ ସୁଧାଂଶୁ ଡାଙ୍ଗ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ବୌଦ୍ଧ ଭାଜପା ପକ୍ଷରୁ ସୁଶାନ୍ତ କୁମାର ପ୍ରଧାନ, କନ୍ଧମାଳ ଭାଜପାରୁ କହ୍ନେଇ ଚରଣ ଡାଙ୍ଗ ଏବଂ କନ୍ଧମାଳ ସ୍ୱାଧୀନ ପ୍ରାର୍ଥୀଭାବେ ଶେଷ କୁମାର ମେହେର ନିଜ ସମର୍ଥକଙ୍କ ସହ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ । ୨୯ ତାରିଖ ନାମଙ୍କନପତ୍ର ପ୍ରତ୍ୟାହାର ଶେଷ ଦିନ ରହିଛି।

### ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଦେଉଳି ଏକାଦଶ ବିଜୟୀ

**ପଦ୍ମପୁର,୨୬।୩(ଡି.ଏନ.ଏ):** ପଦ୍ମପୁର ନିକଟସ୍ଥ ସତୀଭଟା ହାଇସ୍କୁଲ ଖେଳ ପଡିଆରେ ଶିକ୍ଷକ ଏକାଦଶ ଓ ଦେଉଳି ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଶିକ୍ଷକ ଏକାଦଶ ୧୦ ଓଭରରେ ୮୦ ରନ୍ କରିଥିଲା। ଜବାବରେ ଦେଉଳି ଏକାଦଶ ୮ ଓଭରରେ ୮୧ ରନ୍ କରି ବିଜୟ ଲାଭ କରିଥିଲେ । ଶିକ୍ଷକ ଏକାଦଶ ପକ୍ଷରୁ ବିକାଶ ୨୨ ରନ୍ କରିଥିଲେ । ଦେଉଳି ପକ୍ଷରୁ ସୁଜିତ ୨ଟି ଉଇକେଟ ନେଇଥିବା ବେଳେ ଯୋଗେଶ ୨୫ ରନ୍ କରିଥିଲେ । ଯୋଗେଶ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ ହୋଇଥିଲେ । ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ମୋହନ ଭୋଇ, ରୂପକ ସାହୁ ଖେଳ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ ନୃପରାଜ ବରିହା, ଶିଶିର ସାହୁ, ସହଦେବ ବିଶ୍ୱାଳ, ମୁବାରକ ଖାଁନ୍, କେଶବ, ଏକଲବ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ କିଶୋର ପାତ୍ର ଧନ୍ୟବାଦ ଦେଇଥିଲେ।

### ବଳଦ ଚୋରି ଅଭିଯୋଗରେ ୨ ଗିରଫ: ପିକ୍‌ଅପ୍ ଭ୍ୟାନ୍ ଜବତ

**ସୋହେଲା,୨୬।୩(ଡି.ଏନ.ଏ.):** ବରଗଡ଼ ଜିଲା ସୋହେଲା ଥାନା ପାଣିମୋରା ପଞ୍ଚାୟତ ଅଧୀନ ସାଲେପାଲି ଗ୍ରାମର ଜଣେ ଚାଷୀଙ୍କ ବଳଦ ଚୋରି କରିଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ଏକ ପିକ୍‌ଅପ୍ ଭ୍ୟାନ(ନଂ.ଓଡି୧୭କେ/୬୪୫୧) ଜବତ କରିଛି। ଏନେଇ ସୋହେଲା ଥାନାରେ ଦଫା ୪୫୭/୩୮୦/୩୪ରେ ଏକ ମାମଲା(ନଂ.୫୭/୧୯) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୋହେଲା ବଂଜରୀ ରୋଡର ସୁରେନ୍ଦ୍ର ଭୁଏ(୨୫) ଏବଂ କୃଷ୍ଣାଶ୍ରମରେ ରହୁଥିବା କୃଷ୍ଣଚନ୍ଦ୍ର ସାହୁ(୧୯)। ପୋଲିସ ସୂଚନା ଅନୁସାରେ, ସାଲେପାଲି ଗ୍ରାମର ଚାଷୀ ଆଦିତ୍ୟ ପଧାନ ରବିବାର ରାତି ପ୍ରାୟ ୯ଟାରେ ତାଙ୍କ ଗୁହାଳକୁ ଚେକ କରି ଶୋଇଥିଲେ । ଭୋର ୩ଟା ସମୟରେ ଆଦିତ୍ୟ ଉଠି ଦେଖିଲା ବେଳକୁ ଗୁହାଳର କବାଟ ଖୋଲାଥିବା ବେଳେ ୨ଟି ବଳଦ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ପାଖ ପଡୋଶୀଙ୍କୁ ଜଣାଇବା ସହ ଖୋଜାଖୋଜି କରିଥିଲେ। ସେତିକିବେଳେ ଚିଚିଣ୍ଡାଛକରେ ଏକ୍ ପିକ୍‌ଅପ୍ ଭ୍ୟାନ(ନଂ.ଓଡି୧୭କେ/୬୪୫୧)ରେ ୨ ବଳଦ ବୋଝେଇ ହୋଇଥିବା ପିକ୍‌ଅପ୍ ଗାଡିକୁ ଦେଖି ଅଟକାଇଥିଲେ। ପରେ ବଦଳ ଦ୍ୱୟକୁ ଚିହ୍ନଟ କରି ୨ଜଣ ଯୁବକଙ୍କୁ କାବୁ କରିଥିଲେ। ଏନେଇ ଥାନାରେ ଏକ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ଚୋରି ମାମଲା ରୁଜୁ କରି ସୁରେନ୍ଦ୍ର ଏବଂ କୃଷ୍ଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

**ପାଇକମାଳ,୨୬।୩(ଡି.ଏନ୍.ଏ.):** ପାଇକମାଳ ସ୍ଥିତ ନୃସିହଂ ନାଥ ଧର୍ମଶାଳାଠାରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ସଭାପତି ଅନିଲ କୁମାର କାଲିଆଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଗିରିଶି ଚନ୍ଦ୍ର ନାୟକ ପୂର୍ବ ବୈଠକର ବିବରଣୀପାଠ କରିଥିଲେ। ଶଙ୍କର ପ୍ରସାଦ ଦାସ ଆୟବ୍ୟୟର ହିସାବ ଦେଇଥିଲେ। ବୈଠକରେ ସଂଘର ସଭ୍ୟ ସଂଗ୍ରହ କରି କିପରି ଲୋକଙ୍କୁ ସାହାର୍ଯ୍ୟ କରାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। ଏପରିକି ପରବର୍ତ୍ତୀ ବୈଠକ ଟେମିରିଠାରେ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ଏଥିରେ ସଂଘର ସମସ୍ତ ସଭ୍ୟ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଟେମିରିଠାରେ ହେବାକୁ ଥିବା ବୈଠକର ଦାୟିତ୍ୱ ବିପିନ ବିହାରୀ ଠାକୁରଙ୍କୁ ଦିଆଯାଇଥିଲା। ଶେଷରେ ବିପିନ ବିହାରୀ ଠାକୁର ଧନ୍ୟବାଦ ଦେଇଥିଲେ।

# ସରିଲା ନାମାଙ୍କନ, ବଢ଼ିଲା ତାତି

**ବରଗଡ଼ ଅଫିସ୍,୨୬।୩**



ନାମାଙ୍କନ ଦାଖଲ ପାଇଁ ଦଳୀୟ ନେତୃବୃନ୍ଦ, କର୍ମୀଙ୍କ ଗହଣରେ ଶୋଭାଯାତ୍ରାରେ ବରଗଡ଼ ବିଧାନସଭା ଆସନର ବିଜେଡ଼ି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଉପଜିଲାପାଳ ଅଫିସକୁ ଯାଉଛନ୍ତି ।

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୀତି ପାଣିପାଗ ସେଭଳି ବଦଳିବାରେ ଲାଗିଛି । ତେବେ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ ସରିବା ପରେ ବରଗଡ଼ ଜିଲା ରାଜନୀତିର ତାତି ପୂର୍ବାପେକ୍ଷା ଆହୁରି ବଢ଼ିଯାଇଛି। ପ୍ରାର୍ଥୀପତ୍ର ଦାଖଲ କରିଥିବା ଉଭୟ ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ୍ ହାତେଇବା ପାଇଁ ଉଦ୍ୟମ କରିବାରେ  ଲାଗି ପଡ଼ିଛନ୍ତି । କେଉଁଠି ମିଶ୍ରଣ ପର୍ବ ଚାଲିଛି ତ ଆଉ କେଉଁଠାରେ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ନ ସରୁଣୁ କେତେକଜଣ ପ୍ରାର୍ଥୀ ସେମାନଙ୍କ ସପକ୍ଷରେ ମତଦାନ ପାଇଁ ଭୋଟରଙ୍କୁ ନିବେଦନ କରିବାରେ ପଛେଇ ନାହାନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବରଗଡ଼ ଲୋକସଭା ଆସନ ପାଇଁ ୮ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି । ସେମାନଙ୍କ ମଧ୍ୟରେ ବିଜେଡ଼ିରୁ ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସରୁ ପ୍ରଦୀପ ଦେବତା, ଭାଜପାରୁ ସୁରେଶ ପୂଜାରୀ, ବହୁଜନ ସମାଜ ପାର୍ଟି(ବିଏସ୍‌ପି)ରୁ କୌଶିକ ସୁନା, ପଶ୍ଚିମାଞ୍ଚଳ ବିକାଶ ପାର୍ଟିରୁ କୁଳମଣି ଉର୍ମା ରହିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ରାମ ନାରାୟଣ ପାଢ଼ୀ, ମହମ୍ମଦ ନିଜାମୁଦ୍ଦିନ, ବ୍ରଜବନ୍ଧୁ ଭୋସାଗର ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି ବରଗଡ଼ ବିଧାନସଭା ଆସନ ପାଇଁ ବିଜେଡ଼ିରୁ ଦେବେଶ ଆଚାର୍ଯ୍ୟ, ଭାଜପାରୁ ଅଶ୍ୱିନୀ ଷଡ଼ଙ୍ଗୀ, କଂଗ୍ରେସରୁ ନିପନ କୁମାର ଦାଶ, ବହୁଜନ ସମାଜ ପାର୍ଟି(ବିଏସ୍‌ପି)ରୁ କୌସ୍ତୁଭ ବୁଢ଼ିଆ, ଅଖିଳ ଭାରତ ହିନ୍ଦୁ ମହାସଭାରୁ ଜୟଶଙ୍କର ସିହ୍ନା ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଭକ୍ତ ବିନୋଦ ବାବା ପ୍ରାର୍ଥୀପତ୍ର ନାମାଙ୍କନ ଦାଖଲ କରିଛନ୍ତି। ଅତାବିରା ବିଧାନସଭା ଆସନରେ ମଧ୍ୟ ପ୍ରାର୍ଥୀ ତାଲିକା ପଛରେ ପଡ଼ିନାହିଁ । ଏଠାରେ କଂଗ୍ରେସରୁ ନିହାର ରଞ୍ଜନ ମହାନନ୍ଦ, ଭାଜପାରୁ ମିଳନ ସେଠ, ବିଜେଡ଼ିରୁ ସ୍ନେହାଙ୍ଗିନୀ ଛୁରିଆ, ବିଏସ୍‌ପିରୁ ରବୀନ୍ଦ୍ର ମେଘ, ପଶ୍ଚିମାଞ୍ଚଳ ବିକାଶ ପରିଷଦରୁ ଲକ୍ଷ୍ମଣ କୁମାର ଭୋଇ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଭଟଲି ବିଧାନସଭା ଆସନ ପାଇଁ ବିଜେଡ଼ିରୁ ସୁଶାନ୍ତ ସିଂ, ଭାଜପାରୁ ଇରାସିସ୍ ଆଚାର୍ଯ୍ୟ, କଂଗ୍ରେସରୁ ସରୋଜ କୁମାର ମହାପାତ୍ର, ସମତାକ୍ରାନ୍ତି ଦଳରୁ ଧନପତି ସାହୁ ଏବଂ ବିଏସ୍‌ପିରୁ ନାରାୟଣ ଭେସ୍ରା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ବୁଧବାର ଯାଞ୍ଚ ପ୍ରକ୍ରିୟା ରହିଛି। ତାକୁ ମଧ୍ୟ ପ୍ରାର୍ଥୀଙ୍କ ସମେତ ଲୋକେ ଚାହିଁବସିଛନ୍ତି। ସେହିପରି କେଉଁ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବେ, ତାହା ମଧ୍ୟ ନିର୍ବାଚନରେ ପ୍ରମୁଖ ଆଲୋଚନାର ବିଷୟ ହୋଇଛି । ଆସନ୍ତା ୨୯ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଥିବାଯୋଗୁ ସେଥିପ୍ରତି ସବୁଦଳ ନେତାଙ୍କ ନଜର ରହିଛି । ତେବେ ପ୍ରତ୍ୟାହାର ଆଶା କ୍ଷୀଣ ଥିବାବେଳେ ଯାଞ୍ଚବେଳେ କେତେକ ପ୍ରାର୍ଥୀଙ୍କ ନାମାଙ୍କନ ରଦ୍ଦ ହୋଇପାରେ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଥିବା ବେଳେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାକୁ ଭୋଟର୍ ଚାହିଁ ବସିଛନ୍ତି । ଅପରପକ୍ଷେ ପ୍ରାର୍ଥୀତ୍ୱରୁ ବଞ୍ଚିତ ନେତାଙ୍କୁ ନିଜ କବ୍‌ଜାକୁ ନେବା ପାଇଁ ବିଭିନ୍ନ ଦଳ କସରତ ଚଲାଇଥିବା ସାଧାରଣରେ ଆଲୋଚିତ ହେଉଛି ।

### ପଦ୍ମପୁର ଉପଜିଲାପାଳଙ୍କ ଅଫିସରେ ନାମାଙ୍କନପତ୍ର ଦାଖଲ

**ପଦ୍ମପୁର,୨୬।୩(ଡି.ଏନ.ଏ.):** ବହୁଚର୍ଚ୍ଚିତ ବିଜେପୁର ଆସନ ପାଇଁ ବିଜେଡ଼ିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀପତ୍ର ଦାଖଲ କରିସାରି ଥିବାବେଳେ ଏହି ଆସନ ପାଇଁ ମଙ୍ଗଳବାର କଂଗ୍ରେସରୁ ରିପୁନାଥ ସେଠ, ଭାଜପାରୁ ସନତ କୁମାର ଗଡ଼ତିଆ ଏବଂ ସ୍ୱାଧୀନ ପ୍ରାର୍ଥୀଭାବେ ବୀରେନ୍ଦ୍ର କୁମାର ବାଗ, ବିଏସ୍‌ପିରୁ ଅଶୋକ କଲେତ୍, ସ୍ୱାଧୀନ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ନାମାଙ୍କନ ଦାଖଲ କରିଛନ୍ତି । ସେହିପରି ପଦ୍ମପୁର ବିଧାନସଭା ଆସନ ପାଇଁ ବିଜେଡ଼ିରୁ ବିଜୟ ରଞ୍ଜନ ସିଂ ବରିହା, ଭାଜପାରୁ ପ୍ରଦୀପ ପୁରୋହିତ, କଂଗ୍ରେସରୁ ସତ୍ୟଭୂଷଣ ସାହୁ, ବିଏସ୍‌ପିରୁ ଟଙ୍କଧର କନ୍ଧ, ସ୍ୱାଧୀନରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

### ଚାଷୀ ଦକ୍ଷତା ପ୍ରମାଣପତ୍ର ବଣ୍ଟନ ଉତ୍ସବ

**ଜୈବିକ ସାର ପ୍ରୟୋଗ କରିବାକୁ ଆହ୍ୱାନ**

**ପାଇକମାଳ,୨୬।୩(ଡି.ଏନ୍.ଏ.)**

ଫାଇକମାଳ ବ୍ଲକ ସୁରୁଙ୍ଗିଦାଦର ମାସ୍ ତାଲିମ ଗୃହଠାରେ ଚାଷୀ ଦକ୍ଷତା ବିକାଶ ପ୍ରମାଣପତ୍ର ବଣ୍ଟନ ଉତ୍ସବ ମଙ୍ଗଳବାର ଆଦିକନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଆର୍ୟୁର୍ବେଦ ଚିକିତ୍ସାଳୟର ମାତୃ ପ୍ରସାଦ ରଥ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଡ ଶତପଥୀ, ସୁରଥ ସାହୁ ଯୋଗଦେଇ ଚାଷୀମାନଙ୍କୁ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ପୂର୍ବରୁ ଜାନୁୟାରୀ ମାସରେ ବ୍ରାହ୍ମଣଟାଲଠାରେ ଅନୁଷ୍ଠିତ ୧୦ ଦିନିଆ ପ୍ରଧାନ ମନ୍ତ୍ରୀ କୋଶଳ ବିକାଶ ତାଲିମରେ କୃତକାର୍ଯ୍ୟ ହୋଇଥିବା ବରଡୁଣ୍ଡା ପଞ୍ଚାୟତର ୪୯ଜଣ ଚାଷୀଙ୍କୁ ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଏନ୍‌ଏସ୍‌ଏଡି ଦ୍ୱାରା ସ୍ୱକୃତ ପ୍ରାପ୍ତ ପ୍ରମାଣପତ୍ର ଅତିଥିମାନଙ୍କ ଦ୍ୱାରା ବଣ୍ଟନ କରାଯାଇଛି। ଅତିଥିମାନେ କୃତିତ୍ୱ ଅର୍ଜନ କରିଥିବା ଚାଷୀଙ୍କୁ କ୍ଷେତରେ ଜୈବିକ ସାର ପ୍ରୟୋଗ କରି ବିଭିନ୍ନ ଫସଲ ଉତ୍ପାଦନ କରି ସମାଜକୁ ରୋଗ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ କେଶବ ଦଣ୍ଡସନା, ଦୁର୍ଯ୍ୟୋଧନ ବିଶି, ଅନିଲ ସାହୁ, ଦିଗେଶ କପାଟ ପ୍ରମୁଖ ସହଯୋଗ କରିଥିବା ବେଳେ ରେବତୀ ରାଉତ ଧନ୍ୟବାଦ ଦେଇଥିଲେ।

# ଦେବଦେବୀଙ୍କ ସରଣ ପଶିଲେ ପ୍ରାର୍ଥୀ

**ବରଗଡ଼ ଅଫିସ୍,୨୬।୩**

କର୍ମମୟ ଜୀବନକୁ ଆଗେଇ ନେବା ପାଇଁ ଜନତା ଜନାର୍ଦ୍ଦନଙ୍କ ଆଶିର୍ବାଦ ଭିକ୍ଷା ପୂର୍ବରୁ ଦେବଦେବୀଙ୍କ ଶରଣାପନ୍ନ ହୋଇଛନ୍ତି ପ୍ରାର୍ଥୀ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପୂର୍ବରୁ ନିର୍ବାଚନ ମଇଦାନକୁ ଓହ୍ଲାଉଥିବା ପ୍ରାର୍ଥୀମାନେ ବିଭିନ୍ନ ଦେବାଳୟ ଯାଇ ଆଶୀର୍ବାଦ ଭିକ୍ଷା କରିଛନ୍ତି । ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବିଭିନ୍ନ ଦଳର ପ୍ରାର୍ଥୀ ନାମାଙ୍କନ ଶେଷ ଦିବସରେ ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଦେବାଳୟ ଯାଇ ଦେବାଦେବୀଙ୍କ ଆଶୀର୍ବାଦ ଲୋଡ଼ିଥିବା ଦେଖିବାକୁ ମିଳିଥିଲା। ବରଗଡ଼ ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ଦେବତା ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରକୁ ଯାଇଥିଲେ। ସେଠାରେ ମା' ସମଲେଶ୍ୱରୀ ଦେବୀଙ୍କୁ ଦର୍ଶନ କରୁଥିବା ବେଳେ ତାଙ୍କୁ ଭେଟିଥିଲୁ । ତେବେ ସମଲେଶ୍ୱରୀ ଦେବୀଙ୍କ ସମେତ ସେ ସ୍ଥାନୀୟ ମା' ଶ୍ୟାମାକାଳୀ ମନ୍ଦିର, ସାଇ ମନ୍ଦିରରେ ଦର୍ଶନ କରି ଆଶୀର୍ବାଦ ଲୋଡ଼ିଥିବା ଦେବତା କହିଛନ୍ତି । ସେହିପରି ବରଗଡ଼ ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ନିପନ କୁମାର ଦାଶ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରକୁ ଯାଇ ମା' ସମଲେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ତାଙ୍କ ସହିତ ସ୍ତ୍ରୀ ଲିପି ମଧ୍ୟ ଉପସ୍ଥିତ ଥିଲେ। ଏପରି କି କାଳୀ ମନ୍ଦିର, ହାଟପଦା ସାଇ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିବା କଂଗ୍ରେସ ପ୍ରାର୍ଥୀ ନିପନ କହିଛନ୍ତି । ବରଗଡ଼ ବିଧାନସଭା ଆସନର ବିଜେଡ଼ି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ହାଟପଦା ଦୁର୍ଗା ମନ୍ଦିରରେ ଦେବୀ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରୁଥିବା ବେଳେ ଭେଟିଥିଲୁ । ତେବେ ସେ ଦୁର୍ଗା ମନ୍ଦିର ସମେତ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ପଁର୍ଚାପାଟ୍ ମନ୍ଦିର, ବରଗଡ଼ କାଳୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର ଏବଂ ସାଇ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିବା କହିଥିଲେ। କେବଳ ଉପରୋକ୍ତ ୩ ପ୍ରାର୍ଥୀ ନୁହଁନ୍ତି, ଅନେକ ପ୍ରାର୍ଥୀ ଦେବଦେବୀଙ୍କୁ ଦର୍ଶନ ପରେ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ନାମାଙ୍କନ ଦାଖଲ ପାଇଁ ଅନେକ ପ୍ରାର୍ଥୀ ପୂର୍ବରୁ ଜ୍ୟୋତିଷୀଙ୍କ ପରାମର୍ଶ ନେଇ ସମୟ ନିର୍ଘଣ୍ଟ କରିଥିବା ସୂଚନା ମିଳିଛି । ଫଳରେ ଦିନ ୧୧ଟାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହେଉଥିଲେ ହେଁ କେତେକ ପ୍ରାର୍ଥୀ ଏହାର ଯଥେଷ୍ଟ ପୂର୍ବରୁ ନିର୍ବାଚନ ଅଧିକାରୀଙ୍କ ପାଖକୁ ପହଞ୍ଚି ନାମାଙ୍କନ ଦାଖଲ ଅପେକ୍ଷାରେ ରହିଥିବା ଦେଖିବାକୁ ମିଳିଥିଲା। ନାମାଙ୍କନ ପୂର୍ବରୁ ପ୍ରାର୍ଥୀଙ୍କ ଧାର୍ମିକ, ଆଧାତ୍ମିକ ମନୋଭାବ ପ୍ରତି ବିଶ୍ୱାସ ସାଧାରଣ ନିର୍ବାଚନରେ ଭିନ୍ନ ଏକ ପରିବେଶ ସୃଷ୍ଟି କରିବା ସହିତ ଏହା ଆଲୋଚନାର ବିଷୟ ହୋଇଛି ।

### କନ୍ଧମାଳ ନିର୍ବାଚନମଣ୍ଡଳୀରେ ନାମଙ୍କନ

# ଭାଜପାରୁ କହ୍ନେଇ, ସ୍ୱାଧୀନ ପ୍ରାର୍ଥୀ ହେଲେ ଶେଷ

**ମନମୁଣ୍ଡା, ୨୬।୩ (ଡି.ଏନ.ଏ)**

ମଙ୍ଗଳବାର ନାମାଙ୍କନପତ୍ର ଶେଷ ଦିବସରେ କନ୍ଧମାଳ ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ ଏବଂ ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାର ମେହେର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଉଭୟ ପ୍ରାର୍ଥୀ ନିଜ ସମର୍ଥକଙ୍କ ସହ ୧୨୦ କି.ମି ଶୋଭାଯାତ୍ରା କରି ବୌଦ୍ଧରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ଭାଜପା ପ୍ରାର୍ଥୀ କହ୍ନେଇଙ୍କ ସହ ଯୁବନେତା ଇଂ.ରାକେଶ ତ୍ରିପାଠୀ, ବରିଷ୍ଠ ନେତା ବିପ୍ରଚରଣ ମହାନ୍ତି, ଯୁବ ବିଜେଡି ସଭାପତି ସୁଶାନ୍ତ ବାଘ, ୫ ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ଅନିଲ ପ୍ରଧାନ, ପିନାକ ରଣା, ପଞ୍ଚମନ ଜଗଦଳା, ରବୀଚନ୍ଦ୍ର ଖମାରୀଙ୍କ ସହ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ । ସେହିପରି ସ୍ୱାଧୀନ ପ୍ରାର୍ଥୀ ଶେଷଙ୍କ ସହ ପୂର୍ବତନ ବ୍ଲକ ଅଧକ୍ଷ ଶଙ୍କର୍ଷଣ ପ୍ରଧାନ, ଭଗବାନ କହଁର, ସତ୍ୟବ୍ରତ ସାହୁ, ସୁରଣ କୁମାର ମିଶ୍ର, ଦୁତିଆ ସାହୁ ପ୍ରମୁଖ ସାମିଲ ଥିଲେ। କହ୍ନେଇ ଓ ଶେଷ ଦୁଇ ବନ୍ଧୁ, ଗୋଟିଏ ପଞ୍ଚାୟତ ବାସିନ୍ଦା ହୋଇଥିବାବେଳେ ନାମାଙ୍କନପତ୍ର ଦାଖଲ ବେଳେ ଜଣେ ଅନ୍ୟ ଜଣକୁ ଚଷମା, ପେନ ଦେଇ ହସଖୁସିରେ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣରେ ନାମାଙ୍କନପତ୍ର ଦାଖଲ କରିଥିବା ଦେଖିବାକୁ ମିଳିଥିଲା ।



ବରଗଡ଼ ଲୋକସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ଦେବତା ନାମାଙ୍କନ ଦାଖଲବେଳେ ଶପଥ ପାଠ କରୁଛନ୍ତି ।



ଅତାବିରା ବିଧାନସଭା ଆସନ ପାଇଁ ବିଏସପି ପ୍ରାର୍ଥୀ ରବୀନ୍ଦ୍ର ମେଘ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ।



ଅତାବିରା ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ।



ବରଗଡ଼ ଉପଜିଲାପାଳଙ୍କ ଅଫିସରେ ନିର୍ବାଚନ ଅଧିକାରୀ, କର୍ମଚାରୀଙ୍କ ସହିତ ପର୍ଯ୍ୟବେକ୍ଷକ ଆଲୋଚନା କରୁଛନ୍ତି।



ବରଗଡ଼ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ନିପନ ଦାଶ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ।



ଭଟଲି ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ସରୋଜ ମହାପାତ୍ର ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ।



ପ୍ରଦୀପ ପୁରୋହିତ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ସତ୍ୟଭୂଷଣ ସାହୁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ସନତ ଗଡ଼ତିଆ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ଯେଉଁ ଲୋକ ଉତ୍କୋଚ ବଳରେ ସବୁକିଛି କିଣିବାକୁ ଚେଷ୍ଟା କରେ, ଦିନେ ସେ ଦେଖିବ ଯେ ତା’ ବିବେକଟି ମଧ ବିକ୍ରି ହୋଇଯାଇଛି।

-ମାର୍କୋ ପୋଲୋ

## ସଂକ୍ଷେପରେ

### କଂଗ୍ରେସ କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

**ରେଙ୍ଗାଲି,୨୬।୩(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଜୁନାଡିହିଠାରେ ମଙ୍ଗଳବାର କଂଗ୍ରେସର କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଜୋନ୍-୨ କଂଗ୍ରେସ ସଭାପତି ସରୋଜ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଖିଣ୍ଡା ସରପଞ୍ଚ ଶଶୀ କୁମାର ମେହେର, ପୂର୍ବତନ ତବଡ଼ାବାହାଲ ସରପଞ୍ଚ ଇନ୍ଦ୍ରମଣି ଦାସଙ୍କ ନେତୃତ୍ୱରେ ଝାଙ୍କରପାଲି ଓ ତବଡ଼ାବାହାଲ ପଞ୍ଚାୟତର ବହୁ ଯୁବକ ଦଳରେ ସାମିଲ ହୋଇଥିଲେ। ରେଙ୍ଗାଲି ବ୍ଲକ କଂଗ୍ରେସ ସଭାପତି ସୁବାସ ବିଶ୍ୱାଳ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ବାଳକୃଷ୍ଣ ରୋହିଦାସ, ଲିଙ୍ଗରାଜ ଦାସ, ନୃପଲାଲ ବିଶ୍ୱାଳ, ପୂର୍ବତନ ସମିତିସଭ୍ୟ ଭବାନୀଶଙ୍କର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ରେଢ଼ାଖୋଲ,୨୬।୩(ଡି.ଏନ୍.ଏ.)**

ଗଞ୍ଜେଇ ଚୋରାଚାଲାଣ କରୁଥିବା ଅଭିଯୋଗରେ ଚାରମାଲ ପୋଲିସ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଗୋପପାଲି ଗ୍ରାମର ପ୍ରଫୁଲ୍ଲ କୁମାର ଦେହୁରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ଦେଢ଼ କେ.ଜି. ଗଞ୍ଜେଇ ଓ ୧୩୦ ଟଙ୍କା ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ.୩୮) ରୁଜୁ କରାଯାଇଛି। ବୁଧବାର ପ୍ରଫୁଲ୍ଲଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ପ୍ରଫୁଲ୍ଲ ଗଞ୍ଜେଇ ଧରି ମୋଚିବାହାଲ ଛକରେ ବସ୍‌କୁ ଅପେକ୍ଷା କରିଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା।

# ସ୍ୱାମୀଙ୍କ ଆସିବା ବାଟକୁ ଚାହିଁ ବସିଛନ୍ତି ସ୍ତ୍ରୀ

- ଇଟାଭାଟିରେ ମୃତ୍ୟୁ ଘଟିଥିବା ଅଭିଯୋଗ
- ୮ ମାସ ହେବ ସ୍ପଷ୍ଟ ଖବର ନାହିଁ

**ନୂଆପଡା ଅଫିସ,୨୬।୩**

ନୂଆପଡା ଏକ ଦାଦନ ପ୍ରବଣ ଜିଲା ଭାବେ ପରିଚିତ । ପ୍ରତିବର୍ଷ ଏଠାରୁ ହଜାର ହଜାର ପରିବାର ଲୋକେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଏହାର ଠିକ ତଥ୍ୟ ପ୍ରଶାସନ ପାଖରେ ରହୁନାହିଁ । ଶେଷରେ ଶ୍ରମିକ ଶ୍ରେଣୀର ଲୋକମାନେ ସେଠାରେ ବିଭିନ୍ନ ନିର୍ଯାତନାର ଶିକାର ହେଉଥିବାବେଳେ ଅନେକ ସମୟରେ ଅବାନ୍ଛିତ ଭାବେ ମୃତ୍ୟୁ ମୁଖରେ ପଡୁଛନ୍ତି । ତାର ଠିକ ହିସାବ ନା ପ୍ରଶାସନକଅପ ପାଖକୁ ଆସୁଛି ନା ପରିବାର ଲୋକ ଜାଣିପାରୁଛନ୍ତି । ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଠୁଟିବର ଗାଁରେ ଏଭଳି ଏକ ଉଦାହରଣ ସାମନାକୁ ଆସିଛି । ଏଠିକାର ବୃଷଭ ବାଗ (୫୦) ନାମକ ଜଣେ ଶ୍ରମିକ ଆନ୍ଧ୍ରପ୍ରଦେଶକୁ ଇଟାଭାଟିରେ କାମ କରିବାକୁ ଯାଇଥିଲେ । ଆଜକୁ ୮ ମାସ ହେବ ତାଙ୍କର କୌଣସି ଖୋଜ ଖବର ମିଳୁନାହିଁ । ଇଟାଭାଟି ମାଲିକ ନିଖୋଜ ହୋଇଥିବା କହୁଥିବାବେଳେ ପରିବାର ଲୋକ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ବୃଷଭ ଗତ ୫ ବର୍ଷ ଧରି ଲଗାତର ଭାବେ ଆନ୍ଧ୍ରପ୍ରଦେଶକୁ ଯାଉଥିଲେ । ତେଣୁ ସେ ନିଖୋଜ ହେବାର ପ୍ରଶ୍ନ ଉଠୁନାହିଁ । ସେଠାରେ ଇଟାଭାଟିରେ ହିଁ ତାଙ୍କର ମୃତ୍ୟୁ ଘଟିଛି । ଏହାକୁ ନେଇ ଭ୍ରମିତ କରାଯାଉଛି ବୋଲି ପରିବାର ଲୋକ ଅଭିଯୋଗ



ନିଃସହାୟ ମୁଙ୍ଗେ ବାଈ ଘରେ ନିରାଶ ହୋଇ ରହିଛନ୍ତି । ନିକଟରେ ଅନ୍ୟଜଣେ ମହିଳା ଅଛନ୍ତି ।




ବୃଷଭ ବାଗ

କରିଛନ୍ତି । ଏପଟେ ତାଙ୍କର ଆସିବା ବାଟକୁ ଚାହିଁ ବସିଛନ୍ତି ତାଙ୍କ ବୃଦ୍ଧା ସ୍ତ୍ରୀ ମୁଙ୍ଗେ ବାଈ । ଘରେ କିଛି ଖାଇବାକୁ ନାହିଁ କି ଖୋଜିଯିବାକୁ ସମ୍ବଳ ନାହିଁ ବୋଲି କାନ୍ଦି କାନ୍ଦି କହନ୍ତି ମୁଙ୍ଗେ । ବିବରଣୀମତେ ଗତ ମାର୍ଚ୍ଚରେ ସ୍ଥାନୀୟ ଶ୍ରମିକ ସର୍ଦ୍ଦାରଙ୍କ ସହାୟତାରେ ବୃଷଭ ଆନ୍ଧ୍ରପ୍ରଦେଶକୁ ଇଟାଗଡିବାକୁ ଯାଇଥିଲେ। ସେଠାରେ ଗୁଣ୍ଟୁର ଜିଲା ମେଚେର୍ଲା ଇଟାଭାଟିରେ କାମ କରୁଥିଲେ । ଠିକ ମାସେ ଦୁଇ ମାସ କାମ କରିବା ପରେ ହଠାତ ନିଖୋଜ ହୋଇଯାଇଥିବା ଖବର ଆସିଥିଲା । ଏହାକୁ ନେଇ ତାଙ୍କ ସ୍ତ୍ରୀ ମୁଙ୍ଗେ ବାଈ ସ୍ଥାନୀୟ କୋମନା ଥାନାର ଦ୍ୱାରସ୍ଥ ହୋଇଥିଲେ । ପୋଲିସ କିଛି ଦିନ ଖୋଜାଖୋଜି କରିବା ପରେ ଚୁପ ହୋଇପଡିଯାଇଥିଲା ବୋଲି ମୁଙ୍ଗେ କହିଛନ୍ତି । ହେଲେ ପରେ ସେ କୁଆଡେ ଜାଣିବାକୁ ପାଇଲେ ଯେ ଇଟାଭାଟିରେ କାମ କରୁଥିବା ସମୟରେ ଏକ ଗାଡି ଚାପାରେ ତାଙ୍କର ମୃତ୍ୟୁ ଘଟିଛି । ଏହାକୁ ନେଇ ସେ ବାରମ୍ବାର ଜିଲା ଶ୍ରମ ବିଭାଗକୁ ଜଣାଇଛନ୍ତି । ହେଲେ କୌଣସି ପଦକ୍ଷେପ ନେଇ ନ ଥିବା ମୁଙ୍ଗେ ଅଭିଯୋଗ କରିଛନ୍ତି । ଘରେ କୌଣସି ପିଲାଛୁଆ ନ ଥିବାବେଳେ ମୁଙ୍ଗେ ନିଃସହାୟ ହୋଇପଡିଛନ୍ତି । ଘରେ ଖାଇବାକୁ ନ ଥିବାବେଳେ ରୋଜଗାର କରିବାକୁ କେହି ନାହାନ୍ତି । ଏଭଳି ସ୍ଥିତିରେ ପ୍ରଶାସନ ତରଫରୁ ପଦକ୍ଷେପ ନେଇ ବୃଷଭଙ୍କୁ ଖୋଜି ଆଣିବାର ବ୍ୟବସ୍ଥା କରିବା ସହ ଆର୍ଥିକ ସହାୟତା ଯୋଗାଇଦେବାକୁ ମୁଙ୍ଗେ ଦାବି କରିଛନ୍ତି ।

# ମହୁମାଛି କାମୁଡ଼ାରେ ବୃଦ୍ଧ ଗୁରୁତର

**ନୂଆପଡା ଅଫିସ,୨୬।୩**

ନୂଆପଡ଼ା ଜିଲା ସଦର ମହକୁମାଠାରୁ ୧୨ କି.ମି. ଦୂର ବୁଢ଼ୀପାଲି ଗ୍ରାମପଞ୍ଚାୟତର ବେହେରାଡିହି ଗାଁରେ ସାନତରାମ ମାଝି (୫୫) ନାମକ ଜଣେ ବୃଦ୍ଧଙ୍କୁ ମହୁମାଛି କାମୁଡ଼ିଛି । ଏଥିରେ ଗୁରୁତର ଭାବେ ଆହତ ହୋଇପଡିଛନ୍ତି । ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି । ଏହି ଗାଁକୁ ପତୋରା ଡ୍ୟାମରୁ ପାଣି ଠିକ ଭାବରେ ପହଞ୍ଚିପାରୁ ନ ଥିବାରୁ ରବିଚାଷ ଉଜୁଡିଯାଇଥିବା ନେଇ ଗ୍ରାମବାସୀ ଗାଁ ମୁଣ୍ଡରେ ଠୁଳ ହୋଇ ବୈଠକ କରୁଥିଲେ। ନିକଟରେ ଏକ ପିପଲ ଗଛ ଉପରେ ମହୁମାଛି ବସା ବାନ୍ଧି ରହିଛନ୍ତି । ହଠାତ ମହୁମାଛି ମାଡ଼ି ଆସିଥିଲେ । ସମସ୍ତ ଲୋକେ ଦୌଡି ଯାଇଥିବାବେଳେ ସାନତ ରାମଙ୍କୁ କାମୁଡ଼ି ଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଆସି ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ । ସେଠାରେ ଚିକିତ୍ସା କରିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବା ଜଣାପଡିଛି ।



ମହୁମାଛି ଆକ୍ରମଣରେ ଆହତ ସାନତରାମଙ୍କୁ ଲୋକେ ଉଦ୍ଧାର କରୁଛନ୍ତି ।

# ପିରୁଲରେ ଜଳ, ଜମି ଓ ଜଙ୍ଗଲ ଉପରେ ଗ୍ରାମସଭା

**ଭବାନୀପାଟଣା,୨୬।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ପିରୁଲ ଗ୍ରାମରେ ଜଳ, ଜଙ୍ଗଲ ଓ ଜମି ସମ୍ବନ୍ଧୀୟ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ପୁରୋହିତ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗ୍ରାମ ସଭାରେ କଳାହାଣ୍ଡି ଏକତା ପରିଷଦର ସଂଯୋଜକ ସରୋଜ ବାଗ, ଜନମ ମାଟି ସୁରକ୍ଷା ସମିତିର ଗିରିଧାରୀ ପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ଏଥିରେ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ଗ୍ରାମବାସୀଙ୍କୁ କିଭଳି ସୁବିଧା ମିଳିପାରିବ ସେ ନେଇ ବିଷଦ ଭାବରେ ଆଲୋଚନା ହୋଇଥିଲା ।

# ସମ୍ପୂର୍ଣ୍ଣ ହେଉନି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

**ସମ୍ବଲପୁର,୨୬।୩(ବ୍ୟୁରୋ)**

କୃଷି ଓ କୃଷକଙ୍କ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ରାଜ୍ୟରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଅନେକ ସ୍ଥାନରେ ମରୁଡ଼ି ପରିସ୍ଥିତି ଉପୁଜୁଛି। ତେଣୁ ବର୍ଷା ପାଣିକୁ ସଞ୍ଚୟ କରି ଅଧିକ ଜମିକୁ ଜଳସେଚିତ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ବିଭିନ୍ନ ସ୍ଥାନରେ ଜଳସେଚନ, କ୍ଷୁଦ୍ର ଜଳସେଚନ, କାଡ଼ା ବିଭାଗ ମାଧ୍ୟମରେ ଜଳସେଚନ ପ୍ରକଳ୍ପ ହାତକୁ ନିଆଯାଇ ଚାଷୀଙ୍କୁ ପାଣି ଯୋଗାଇ ଦିଆଯିବା ସରକାରଙ୍କ ଉଦ୍ଦେଶ୍ୟ। କ୍ଷୁଦ୍ର ଜଳସେଚନ ବିଭାଗ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହି ବିଭାଗ ଅଧୀନରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା ରହିଛି। ହେଲେ ସମ୍ବଲପୁର ଜିଲାରେ ଏହା ଫେଲ୍ ମାରିଥିବା ଅଭିଯୋଗ ହେଉଛି। ସେହପରି କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଅନ୍ୟ ପ୍ରକଳ୍ପ ମଧ ଅଧାଅପନ୍ତରିଆ ହୋଇ ପଡ଼ିଛି। ତେଣୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଚାଷଜମିକୁ ସୁଷମ ଜଳ ବଣ୍ଟନ କରିବାରେ କ୍ଷୁଦ୍ର ଜଳସେଚନ ବିଭାଗର ପ୍ରମୁଖ ଦାୟିତ୍ୱ ରହିଛି। ବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ମୋଟ ୧ ଲକ୍ଷ ୧୩ ହଜାର ୭୨୦ ହେକ୍ଟର ଚାଷଜମି ରହିଛି। ଏଥିମଧ୍ୟରୁ ମାତ୍ର ୧୯ ହଜାର ୯୪୯ ହେକ୍ଟର ଜମିକୁ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ପାଣି ଯୋଗାଇ ଦିଆଯାଉଛି। ଅନେକ ପ୍ରକଳ୍ପ କାର୍ଯ୍ୟରେ ତ୍ରୁଟି ଯୋଗୁ ପାଣି ସଞ୍ଚୟ ହୋଇ ରହୁ ନ ଥିବା ବେଳେ କେନାଲଗୁଡ଼ିକ ଭାଙ୍ଗି



ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକରେ ଥିବା ଏକ ଚେକ୍‌ଡ୍ୟାକ ଭଗ୍ନ ଅବସ୍ଥାରେ ପଡ଼ି ରହିଛି।

ପୋତି ହୋଇଯାଇଛି। ଅନେକ ଚେକ୍‌ଡ୍ୟାମ୍ ଭାଙ୍ଗି ପାଣି ପାଣି ନଷ୍ଟ ହେଉଥିବାରୁ ଜଳଭଣ୍ଡାର ଶୁଖିଲା ପଡ଼ିଛି। ତେଣୁ ଚାଷଜମିରେ ପାଣି ମାଡ଼ିପାରୁ ନାହିଁ। ଜିଲାରେ ମୋଟ ୭୦୭ ଆଡ଼ିବନ୍ଧ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ ମିଳିଥିବା ବେଳେ ୬୭୬ର କାମ ସମ୍ପୂର୍ଣ୍ଣ ହୋଇଥିବା ବିଭାଗ କହୁଛି। ହେଲେ ବାସ୍ତବରେ ସେଗୁଡ଼ିକ ଚାଷୀଙ୍କ କାମରେ ଆସିପାରିନାହିଁ। ସେହପରି ଡ୍ୟାମ୍ ମରାମତି, ପୁନରୁଦ୍ଧାର, ଆଧୁନିକୀକରଣ ଓ ସୁରକ୍ଷା ଉପରେ ମଧ ବିଭାଗ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ ଯୋଜନାରେ ଟଙ୍କା ଖର୍ଚ୍ଚ କରାଯାଉଛି, ହେଲେ ତାହା ଚାଷୀଙ୍କ କାମରେ ଲାଗି ପାରୁନାହିଁ। ଜିଲାରେ ମୁଖ୍ୟତଃ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା ଫେଲ୍ ମାରିଛି। ନିର୍ବାଚନ ପୂର୍ବରୁ ୨୦୧୮-୧୯ ଆର୍ଥିକବର୍ଷରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନାରେ ୩୧ ପ୍ରକଳ୍ପ ପାଇଁ ଟେଣ୍ଡର କରାଯାଇଥିଲା। ହେଲେ ତରବରିଆ ଭାବେ ୧୫ଟି ଆରମ୍ଭ କରାଯାଇଛି। ଅବଶିଷ୍ଟ ୧୬ଟିର କାମ ନିର୍ବାଚନ ଆଚରଣବିଧି ପାଇଁ ବନ୍ଦ କରି ଦିଆଯାଇଛି। ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକର କାମ ମଧ ଆଗାମୀ ଚାଷ ଋତୁ ପୂର୍ବରୁ ସମ୍ପୂର୍ଣ୍ଣ ହୋଇପାରିବା ନେଇ ସନ୍ଦେହ ଉପୁଜିଛି। ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପଟ୍ଟନାୟକଙ୍କୁ ପଚରାଯିବାରୁ ସେ କହିଲେ, ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ନିର୍ବାଚନ ପରେ ଏହି ଯୋଜନାର ଅନ୍ୟ ପ୍ରକଳ୍ପଗୁଡିକର କାମ ଆରମ୍ଭ ହେବ। ପ୍ରକଳ୍ପ ମରାମତି ନେଇ ମଧ ଚାଷୀମାନେ ଅଭିଯୋଗ କରିଛନ୍ତି। ତାହା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପଟ୍ଟନାୟକ କହିଥିଲେ।

# ଗ୍ରାମସଭା ଗଠନ ପାଇଁ ପଥରଗଡ଼ା ଉତ୍ସବ

**ବାମରା,୨୬।୩(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ ରବଗା ପଞ୍ଚାୟତ ନୂଆପାଲିଠାରେ ପାରମ୍ପାରିକ ଗ୍ରାମସଭା ପାଇଁ ପଥରଗଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲୋକମୁକ୍ତି ସଂଗଠନ ଉପଦେଷ୍ଟା ଅନନ୍ତ ପଣ୍ଡା ଯୋଗଦେଇ ପଥରଗଡ଼ାର ମହତ୍ତ୍ୱ ଓ ପେସା ଆଇନ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ପ୍ରେମସୁଖ ସୁରୀନ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଗ୍ରାମର ଇତିହାସ ପଠନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିନିତ ସାମାଦ ଯୋଗଦେଇ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨ ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡହମୁଣ୍ଡା ଗ୍ରାମସଭା ସଭାପତି ନରବେଟ ଡୁଙ୍ଗଡୁଙ୍ଗ, ସିମଲିବାହାଲ ଏଫ୍‌ଆର୍‌ସି ସଭାପତି ଫ୍ରାନ୍ସିସ କୁଲୁ, ଆଶ୍ରିତା ତପ୍ପୋ, ଆମିତା ତପ୍ପୋ ଓ ଆଶ୍ରିତା ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗଦେଇ ସମସ୍ତ ଗ୍ରାମରେ କଡ଼ାକଡ଼ି ଭାବେ ପେସା ଆଇନ ଲାଗୁ କରାଗଲେ ବନବାସୀ ନିଜ ପ୍ରକୃତ ଅଧିକାର ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରୋଗୋରୀ ସମାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମୁଏଲ ଲୁଗୁନ, ଇସାକ ସରେଙ୍ଗ, ଦିବ୍ୟଶଙ୍କର ନାଏକ, ମାର୍କାସ ଲୁଗୁନ, ବିଳାସିନୀ ଭଇଁଷା ଓ ମାସିଦାସ ସମାଦ ପ୍ରମୁଖ ସହଯୋଗ କରିଥିଲେ। ସୁପ୍ରିମ କୋର୍ଟ ଦ୍ୱାରା ବନବାସୀଙ୍କ ଜଙ୍ଗଲ ଜମି ପଟ୍ଟା ଆବେଦନ ଖାରଜ ରାୟକୁ ବିରୋଧ କରାଯାଇଥିଲା।

# ନେତାଙ୍କୁ ଭୋଟ, ଶ୍ରମିକଙ୍କୁ ପେଟପାଟଣା ଚିନ୍ତା

**ଭବାନୀପାଟଣା,୨୬।୩(ଡି.ଏନ.ଏ.)**

ଆଗାମୀ ସାଧାରଣ ନିର୍ବାଚନ ଥିବାରୁ ଏବେ ଏହାକୁ ନେଇ ସବୁଠି ଚର୍ଚ୍ଚା ଯୋର ଧରିଛି। କିଭଳି ଅଧିକରୁ ଅଧିକ ଲୋକ ନିର୍ବାଚନରେ ଭୋଟଦେଇ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ। ସେଥିପାଇଁ ଲୋକଙ୍କୁ ସଚେତନ କରାଯାଉଛି। ହେଲେ ସେମାନଙ୍କ କଥା ସରକାର ଓ ରାଜନେତା ଭୁଲିଯାଉଛନ୍ତି। ଯେଉଁମାନେ ନିଜର ଭିଟାମାଟି ଛାଡି ପରିବାର ସହ ପେଟ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । କେବିକେ ଅଞ୍ଚଳର ଅନେକ ଗାଁର ବହୁ ଲୋକ ପରିବାର ଆଜି ମଧ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଉଥିବା ଦେଖାଦେଉଛି। ସେମାନେ ସମସ୍ତେ ମାଲିକ ପାଖରେ ପଡିଥିବା ଯୋଗୁ ନିଜ ଗାଁକୁ ଆସି ଭୋଟ ଦେବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ। ଦେଶର ନାଗରିକ ହିସାବରେ ଭୋଟଦେବା ସମସ୍ତଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ ହୋଇଥିଲେ ମଧ ଏମାନଙ୍କୁ ଏହି ସୁଯୋଗ ମିଳି ନ ପାରେ। ଏଣୁ ସରକାରଙ୍କୁ ବାହାର ରାଜ୍ୟରେ ଦାଦନ ଖଟୁଥିବା ପରିବାରମାନଙ୍କୁ ତୁରନ୍ତ ଫେରାଇ ଆଣି ନିର୍ବାଚନରେ ସେମାନଙ୍କୁ ଭୋଟ ଦେବାର ସୁଯୋଗ ଦେବା ଆବଶ୍ୟକ ରହିଛି। ଆଗାମୀ ଏପ୍ରେଲ ୧୧ରେ ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି ଜିଲାରେ ଲୋକସଭା ଓ ବିଧାନ ସଭା ନିର୍ବାଚନ ହେବାକୁ ଥିବା ବେଳେ ଶହ ଶହ ସଂଖ୍ୟାରେ ଶ୍ରମିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲିଯାଉଥିବା ଦେଖିବାକୁ ମିଳୁଛି । ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନଙ୍କ ସହ ଆଲୋଚନା କରିବା ସମୟରେ ସେମାନେ ଭିଯୋଗ କରିଛନ୍ତି ଯେ, ଭୋଟ ପାଇଁ ନେତାମାନେ ଭୋଟ ପାଇଁ ଚିନ୍ତିତ ଥିବା ବେଳେ ପେଟପାଟଣା ପାଇଁ ଆମର ଚିନ୍ତା । ସରକାର ଗତ ୨ ମାସ ହେଲା ପିଠା ଯୋଜନା, କାଳିଆ ଯୋଜନା ଓ ମହିଳା ସମାବେଶ ଆଦି କାର୍ଯ୍ୟରେ ଲିପ୍ତ ରହି ଅନେକ ସମାବେଶ କରାଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଗୋଟିଏ ପଟେ ପ୍ରଚାର ପ୍ରସାର ଯୋର ସୋର କରାଯାଇ ଉନ୍ନୟନ ମୂଳକ କାର୍ଯ୍ୟ ଚାଲିଥିବା କୁହାଯାଉଥିଲେ ହେଁ ୨ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ଶ୍ରମିକମାନଙ୍କୁ କୌଣସି କାମଧନ୍ଦା ମିଳୁ ନାହିଁ । ବର୍ତ୍ତମାନ ଜିଲାର ବିଭିନ୍ନ ଅଞ୍ଚଳର ଶ୍ରମିକମାନେ ଜିଲାରେ କାମ ନ ପାଇ ବାହାର ଜିଲା ଏବଂ ରାଜ୍ୟ ବାହାରକୁ ହଜାର ହଜାର ସଂଖ୍ୟାରେ କାମ ଅନ୍ୱେଷଣରେ ଯାଉଥିବା ଦେଖାଯାଉଛି । ଫଳରେ ଆଗାମୀ ନିର୍ବାଚନ ସମୟରେ ଅନେକ ଭୋଟର ଅନୁପସ୍ଥିତ ରହି ଭୋଟ ଦେବାରୁ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି । ରାଜ୍ୟ ସରକାର ଶ୍ରମିକ ସମସ୍ୟା ଦୂର କରି ଜିଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକୁ ମେଶିନ ଜରିଆରେ ନ କରି ଶ୍ରମିକମାନଙ୍କ ଦ୍ୱାରା କରାଇଲେ ରାଜ୍ୟ ବାହାରକୁ ଯିବା ଶ୍ରମିକମାନଙ୍କୁ ରୋକାଯାଇ ପାରିବ ବୋଲି ଚିନ୍ମୟ ବେହେରା, ଜାମିନିକାନ୍ତ ମୁଣ୍ଡ, ବିରଞ୍ଚି ନାରାୟଣ ପଣ୍ଡା ପ୍ରମୁଖ ଶ୍ରମିକ ନେତାମାନେ ପ୍ରକାଶ କରିଛନ୍ତି ।

# ପ୍ରଦର୍ଶନୀ କ୍ରିକେଟ ମ୍ୟାଚ: ଦେଉଳି ଏକାଦଶ

**ପଦ୍ମପୁର,୨୬।୩(ଡି.ଏନ.ଏ)**

ପଦ୍ମପୁର ନିକଟସ୍ଥ ସତୀଭଟା ହାଇସ୍କୁଲ ଖେଳ ପଡିଆରେ ଶିକ୍ଷକ ଏକାଦଶ ଓ ଦେଉଳି ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଶିକ୍ଷକ ଏକାଦଶ ୧୦ ଓଭରରେ ୮୦ ରନ୍ କରିଥିଲ। ଜବାବରେ ଦେଉଳି ଏକାଦଶ ୮ ଓଭରରେ ୮୧ ରନ୍ କରି ବିଜୟ ଲାଭ କରିଥିଲେ । ଶିକ୍ଷକ ଏକାଦଶ ପକ୍ଷରୁ ବିକାଶ ୨୨ ରନ୍ କରିଥିଲେ । ଦେଉଳି ପକ୍ଷରୁ ସୁଜିତ ୨ଟି ଉଇକେଟ ନେଇଥିବା ବେଳେ ଯୋଗେଶ ୨୫ ରନ୍ କରିଥିଲେ । ଯୋଗେଶ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ ହୋଇଥିଲେ । ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ମୋହନ ଭୋଇ, ରୂପକ ସାହୁ ଖେଳ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ ନୃପରାଜ ବରିହା, ଶିଶିର ସାହୁ, ସହଦେବ ବିଶ୍ୱାଳ, ମୁବାରକ ଖାଁନ୍, କେଶବ, ଏକଲବ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ କିଶୋର ପାତ୍ର ଧନ୍ୟବାଦ ଦେଇଥିଲେ।

# ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

**ଜମନକିରା,୨୬।୩(ଡି.ଏନ୍.ଏ.)**

ଦେଶୀ ବନ୍ଧୁକ ରଖିବା ଅଭିଯୋଗରେ ସମ୍ବଲପୁର ଜିଲା ଜମନକିରା ଥାନା ପୋଲିସ ପାଟବନ୍ଧା ଗାଁର ଶ୍ରଧାକର ନାଏକଙ୍କ ପୁଅ ପ୍ରଶାନ୍ତ ନାଏକ (୪୫)ଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଥିବା ପୋଲିସ କହିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ପ୍ରଶାନ୍ତ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତାଙ୍କ ଘରୁ ଏକ ଦେଶୀ ବନ୍ଧୁକ ମିଳିଥିଲା। ତେବେ ପ୍ରଶାନ୍ତ ବନ୍ଧୁକର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ପୋଲିସ ଏକ ମାମଲା (ନଂ.୩୫/୧୯) ରୁଜୁ କରିଛି। ଚଢ଼ାଉରେ ଏସ୍‌ଆଇ ରଶ୍ମିବାଳା ସେଠୀ, ଏଏସ୍‌ଆଇ ସୁଧୀର କୁମାର ମହାକୁଡ ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ନାଗୁପଡ଼ା ଗାଁକୁ ରାସ୍ତା ନାହିଁ
# ପୁଣି ଭୋଟ ବର୍ଜନ କରିବାକୁ ଚେତାବନୀ

**ଭବାନୀପାଟଣା,୨୬।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଜୟପାଟଣା ବ୍ଲକ ଅନ୍ତର୍ଗତ ମୁଖୀଗୁଡା ନିକଟସ୍ଥ ଉଦୟଗିରି ପାହାଡର ଠୁଙ୍ଗିଗଡର ପାଦ ଦେଶରେ ଅବସ୍ଥିତ ନାଗୁପଡା ଗାଁ। ଗାଁକୁ ସିଧା ସଳଖ ସଂଯୋଗ ନ ଥିବାରୁ ବର୍ଷା ଦିନେ ଲୋକେ ଏକ ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡନ୍ତି। ଚିରସ୍ରୋତା ଛଞ୍ଚଣଗାଡ ଝରଣ ବର୍ଷକୁ ଛଅ ମାସ ଗାଁ ପାଇଁ ପ୍ରତିବନ୍ଧକ ସାଜି ଥାଏ। ସେହି ଚିରସ୍ରୋତା ଝରଣ ଉପରେ ପୋଲ ନିର୍ମାଣ ପାଇଁ ଲୋକଙ୍କ ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ କେବେ ହେଲେ ପୋଲ ନିର୍ମାଣ ହୋଇପାରି ନାହିଁ। ଗତ ପଞ୍ଚାୟତ ନିର୍ବାଚନରେ ଏହି ଗାଁ ଲୋକେ ଭୋଟ ବର୍ଜନ କରି ସରକାରଙ୍କୁ ନିଜର ପ୍ରତିକ୍ରିୟା ଜଣାଇଥିଲେ। ଭୋଟ ବର୍ଜନ ପରେ ମନ୍ତ୍ରୀ, ବିଧାୟକ, ପଶ୍ଚିମ ଓଡିଶା ବିକାଶ ପରିଷଦର ସିଇଓଙ୍କଠାରୁ ଜିଲା ପ୍ରଶାସନ ଗାଁରେ ପହଞ୍ଚି ଲୋକଙ୍କୁ ଆଶ୍ୱସନାରେ ପୋତି ଦେଲେ। ଏବେ ୨୦୧୯ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ହେଲେ ଗାଁ ପାଇଁ ପ୍ରତିବନ୍ଧକ ସାଜି ଥିବା ଛଞ୍ଚଣଗାଡ ନାଳ ଉପରେ ପୋଲ ନିର୍ମାଣ ହୋଇ ପାରିଲା ନାହିଁ। ବରଂ ବ୍ଲକ ଦ୍ୱାରା ଗାଁ ମଧ୍ୟରେ ବିଭାଜନ କରୁଥିବା ଧୋବେନ ଝରନ୍ ଉପରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ଫଳରେ ଗାଁ ପାଇଁ ସଂଯୋଗ ଖୋଜୁଥିବା ମଣିଷ ମାନଙ୍କୁ ସମ୍ପୂର୍ଣ୍ଣ ନିରାଶ ହେବାକୁ ପଡିଲା। ମୁଖିଗୁଡାସ୍ଥିତ ଇନ୍ଦ୍ରାବତୀ ପ୍ରକଳ୍ପଠାରୁ ମାତ୍ର ଦେଢ କିଲୋମିଟର ଦୂରେ ଅବସ୍ଥିତ ନାଗୁପଡା ଗାଁ। ଇନ୍ଦ୍ରାବତୀ ପ୍ରକଳ୍ପ ସାଙ୍ଗରେ ସିଧା ସମ୍ପର୍କ ରଖି ଆସିଥିବା ନାଗୁପଡା ଲୋକେ ବିଶ୍ୱାସ ରଖିଥିଲେ ଯେ ଏକ ବିଶାଳ ପ୍ରକଳ୍ପର ପାରିପାର୍ଶ୍ୱିକ ଅନୁଦାନ ପାଣ୍ଠିରୁ ନାଗୁପଡାର ନିଶ୍ଚିତ ବିକାଶ ହେବ। କିନ୍ତୁ ଏହା ମଧ ପାଣିରଗାର ପାଲଟିଗଲା। ଇନ୍ଦ୍ରାବତୀ ଯୋଗୁ ଭିଟାମାଟି ହରାଇ ଥିବା ବୁଢୀ ଅଞ୍ଚଳର ଲୋକେ ମଧ ଏଠାରେ ବସବାସ କରିବା ସତ୍ତ୍ୱେ ସରକାରଙ୍କ ଚେତା ପଶିଲାନି। ଗତ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ପରେ ନେତା ଓ ଅଧିକାରୀଙ୍କ ଆଶ୍ୱାସନା ଶୀତଳ ଭଣ୍ଡାରକୁ ଚାଲିଗଲା। ଆଗକୁ ସାଧାରଣ ନିର୍ବାଚନ। ଏଥିପାଇଁ ପ୍ରଶାସନଠାରୁ ରାଜନୈତିକ ନେତାମାନେ ତତ୍ପରା । ହେଲେ ଗାଁକୁ ରାସ୍ତା ନ ଥିବାରୁ ଦ୍ୱିତୀୟ ଥର ଲୋକେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ନାଗୁପଡାବାସୀଙ୍କ ଆଗାମୀ ନିର୍ବାଚନରେ ଭୋଟ ବର୍ଜନର ଚରମ ଚେତାବନୀ ପ୍ରଶାସନକୁ କେତେ ଦୂର ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଛି ।

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 392/2018**

**Utkal Grameen Bank**
Stressed Asset Recovery Branch Sambalpur........ Applicant
-Versus-
**Dhirendra Mahakud** & Others ........... Defendants

To,
Defendant No.1: **Dhirendra Mahakud**, S/o: Sahadev Mahakud, At/PO-Ghagurli, Ps- Belpada, Dist- Bolangir, PIN- 767026
Defendant No.2: **Sudhir Mahakud**, S/o: Baikuntha Mahakud, At/PO-Bharuapali, Ps- Belpada, Dist- Bolangir, PIN- 767026
Defendant No.3: **Mahendra Mahakud,** S/o: Markanda Mahakud, At/PO-Ghagurli, Ps- Belpada, Dist- Bolangir, PIN- 767026

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 13,63,942.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 26th day of April, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 19th day of March, 2019.

**Sd/- Registrar (I/c)**
**Debts Recovery Tribunal, Cuttack**

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. 14/ET/SBP/ENGG/ 2018-19, ତାରିଖ. 19.03.2019

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.38-eT-DENC-SBP-18

**କାର୍ଯ୍ୟର ନାମ:** 24 ମାସ ନିମନ୍ତେ ସମ୍ବଲପୁର ଠାରେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ ଏବଂ ଏହାର ପରିସର, TRD କାର୍ଯ୍ୟାଳୟ ଇତ୍ୟାଦିର ଯନ୍ତ୍ରୀକୃତ ସଫେଇ ଏବଂ ସ୍ୱଚ୍ଛତା(ଦେଖାଶୁଣା) ସମ୍ବନ୍ଧୀୟ ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 26,21,408.60, EMD(ଟଙ୍କାରେ): 52,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 24(ଚବିଶି)ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.41-eT-DENC-SBP-18

**କାର୍ଯ୍ୟର ନାମ:** ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁର ଠାରେ 15 KLD କ୍ଷମତା ବିଶିଷ୍ଟ FRP ଭିତ୍ତିକ ସିଙ୍ଗିଲ୍ ପ୍ୟାକେଜ୍ ସିୱେଜ (Sewage) ଟ୍ରିଟମେଣ୍ଟ ପ୍ଲାଣ୍ଟ (Treatment Plant)ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 19,23,306.51, EMD (ଟଙ୍କାରେ): 38,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ): 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 03(ତିନି)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.10.04.2019ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ସମ୍ବଲପୁର
PR-564/J/18-19

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୭ ମାର୍ଚ୍ଚ, ୨୦୧୯



ବାଲ୍ୟ, ଯୌବନ, ଜରାବସ୍ଥା ଅତିକ୍ରମ କଲାପରେ ଶେଷରେ ମୃତ୍ୟୁ ହୁଏ। ତେଣୁ ଏଥିପାଇଁ ମୋହଗ୍ରସ୍ତ ହେବା ଅନୁଚିତ।
- ବ୍ୟାସଦେବ



## ସଂକ୍ଷେପରେ

### ବଲାଙ୍ଗୀରରେ ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ନିଯୁକ୍ତ

**ବଲାଙ୍ଗୀର ଅଫିସ,୨୬।୩:** ୧୦ ନମ୍ବର ବଲାଙ୍ଗୀର ଲୋକସଭା ନିର୍ବାଚନ ମଣ୍ଡଳୀ, ୬୭ ନମ୍ବର ପାଟଣାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ, ୬୮- ବଲାଙ୍ଗୀର, ୬୯- ଟିଟିଲାଗଡ ଓ ୭୦- କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଭାରତର ନିର୍ବାଚନ କମିଶନରଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ କୁମାର ସୌରଭ ରାଜ୍ (ଆଇଏଏସ୍) ବଲାଙ୍ଗୀରରେ ପହଞ୍ଚି ଛନ୍ତି। ସ୍ଥାନୀୟ ସର୍କିଟ ହାଉସଠାରେ ସେ ତାଙ୍କର କ୍ୟାମ୍ପ ଅଫିସ କରିଛନ୍ତି। ପଞ୍ଜାବର ଅତିରିକ୍ତ ଅବକାରୀ ଏବଂ ଟ୍ୟାକ୍ସେସନ୍ କମିଶନର ଭାବେ କାର୍ଯ୍ୟରତ ସୌରଭ ରାଜ ମନୋନୟନ ପତ୍ର ଦାଖଲ ପ୍ରକ୍ରିୟା ତଦାରଖ କରିଛନ୍ତି। ସାଧାରଣ ପର୍ଯ୍ୟବେକ୍ଷକ ରାଜଙ୍କ ମୋବାଇଲ ନମ୍ବର ୮୮୯୫୮୨୧୮୪୨ରେ ଉପରୋକ୍ତ ନିର୍ବାଚନ ମଣ୍ଡଳୀର କୌଣସି ନିର୍ବାଚନ ସଂକ୍ରାନ୍ତୀୟ ଅଭିଯୋଗ ଜନସାଧାରଣ ଜଣାଇପାରିବେ। ସାଧାରଣ ପର୍ଯ୍ୟବେକ୍ଷକ ରାଜଙ୍କୁ କୌଣସି ଅଭିଯୋଗ ଜଣାଇବାକୁ ହେଲେ ସର୍କିଟ ହାଉସସ୍ଥିତ କ୍ୟାମ୍ପ ଅଫିସରେ ସକାଳ ୯ଟାରୁ ୧୦ଟା ମଧରେ ଲୋକେ ସାକ୍ଷାତ କରିପାରିବେ। ସାକ୍ଷାତ କରିବା ପାଇଁ ତାଙ୍କ ଲିଆଜିଁ ଅଧିକାରୀ ବିନୋଦ ପ୍ରକାଶ ଲାକ୍ରାଙ୍କୁ ମୋବାଇଲ ନମ୍ବର ୯୯୩୮୩୧୭୮୭୭ ମାଧମରେ ଲୋକେ ଯୋଗାଯୋଗ କରିପାରିବେ।

### କନ୍ଦାଜୁରୀ ୩୩/୧୧ କେଭି ଗ୍ରୀଡ ଉଦ୍‌ଘାଟନରେ ସୀମିତ

**ଲୋଇସିଂହା,୨୬।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ କନ୍ଦାଜୁରୀ ଗ୍ରାମରେ ନବ ନିର୍ମିତ ୩୩/୧୧ କେଭି ଗ୍ରୀଡ ଗତ ସେପ୍ଟେମ୍ବର ୩ରେ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହା ଉଦ୍‌ଘାଟନ ପରେ ବ୍ଲକର ଆଭ୍ୟନ୍ତରୀଣ ଗ୍ରାମବାସୀ ନିରନ୍ତର ଓ ଉପଯୁକ୍ତ ବିଦ୍ୟୁତ ସେବା ପାଇବାକୁ ଆଶା କରିଥିଲେ। ହେଲେ ଅଞ୍ଚଳବାସୀଙ୍କ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଇଛି। ଲୋଇସିଂହା ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳକୁ ଛତାମଖନା ଗ୍ରୀଡରୁ ବିଦ୍ୟୁତ ସେବା ପ୍ରଦାନ କରାଯାଉଛି। ହେଲେ ଅନେକ ସମୟରେ ବିଦ୍ୟୁତ ସେବା ବ୍ୟାହତ ହୋଇଥାଏ। ଫଳରେ ଲୋକେ ଦିନ ଦିନ ଧରି ଅନ୍ଧାରରେ ରହିଥାନ୍ତି। ଏଣୁ ଏହି ସମସ୍ୟାର ସମାଧାନ ପାଇଁ କନ୍ଦାଜୁରୀରେ ୩୩/୧୧ କେଭି ଗ୍ରୀଡ ସ୍ଥାପନ ହୋଇଛି। ଉକ୍ତ ଗ୍ରୀଡରୁ କନ୍ଦାଜୁରୀ, ସରଗାଡ, କୁଶଙ୍ଗ ଓ କୁଶମେଲ ଫିଡର ସ୍ଥାପନ କରି ବିଦ୍ୟୁତ ଯୋଗାଣ କରାଯିବା କଥା। ହେଲେ କୌଣସି ଫିଡରକୁ ଆଉଟପୁଟ ଯୋଗାଣ ହୋଇ ପାରିନାହିଁ। ସେଠାରେ କାମ କରୁଥିବା କର୍ମଚାରୀ ଅନ୍ଧାରରେ ରହୁଛନ୍ତି। ତେବେ ଏ ନେଇ ଛତାମଖନା ସେକ୍ସନ ଅଧିକାରୀ କ୍ଷେତ୍ରମୋହନ ସାମଲ କହିଛନ୍ତି ଯେ, କିଛି ତ୍ରୁଟି ବିଚ୍ୟୁତି ରହିଛି, ଯାହାର ସମାଧାନ କରାଯିବ। ୪ଟି ଫିଡରର କାମ ମଧ ବାକି ଅଛି। ସେହିଭଳି ଠିକାଦାର ମଧ କାମ ଶେଷ କରି ହସ୍ତାନ୍ତର କରି ନାହାନ୍ତି। ମାସେ ଭିତରେ କାର୍ଯ୍ୟକ୍ଷମ ହେବ ବୋଲି ଚେଷ୍ଟା କରାଯାଉଛି।

### ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ

**ବଲାଙ୍ଗୀର ଅଫିସ, ୨୬।୩:** ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ସଦାଇପାଲିର ପଲ୍ଲୀଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ମଞ୍ଚ ସଭାପତି ନାରାୟଣ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରଭାକର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ବିରଞ୍ଚି ହୋତା ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଅଧିକ ସଂଖ୍ୟକ ସଦସ୍ୟ ଆଜୀବନ ସଦସ୍ୟତା ଗ୍ରହଣ କରିବା ପାଇଁ ବୈଠକରେ ଅନୁରୋଧ କରାଯାଇଥିଲା। ବୈଠକରେ ଦାମୋଦର ଓତା, ବିନୟ ମିଶ୍ର, ବିରଞ୍ଚି ସୁନା, ଡା. ଅମ୍ବରୀଶ ପ୍ରଧାନ ଓ ଅଶୋକ ଚାନ୍ଦ ଆଜୀବନ ସଦସ୍ୟତା ଗ୍ରହଣ କରିଥିଲେ। ମଞ୍ଚର ବିଭିନ୍ନ କାର୍ଯ୍ୟରେ ଆକର୍ଷିତ ହୋଇ ନୂଆକରି ଡ. ଚନ୍ଦ୍ରଶେଖର ପାଣିଗ୍ରାହୀ, ବିପିନ ବିହାରୀ ପୁରୋହିତ, ମୁରଲୀଧର ଦାସ, କିଶୋର ଚନ୍ଦ୍ର ସାଏ, ବିଜୟ କୁମାର ମିଶ୍ର, ସୁରେନ୍ଦ୍ରନାଥ ତ୍ରିପାଠୀ, ବୁଦ୍ଧଦେବ ପ୍ରଧାନ, ସୁଧୀର କୁମାର ସାଏ ଓ ପ୍ରବୀନ ଚନ୍ଦ୍ର ବେହେରା ସଦସ୍ୟତା ଗ୍ରହଣ କରିଥିଲେ। ମଞ୍ଚ ସଭ୍ୟ ସଂଖ୍ୟା ବୃଦ୍ଧି ହୋଇଥିବାରୁ ଆଗାମୀ ଦିନରେ ଏକ ରିକ୍ରେସନାଲ କ୍ଲବ ଖୋଲିବା ପାଇଁ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରକାର ଇନ୍‌ଡୋର ଖେଳ ସାମଗ୍ରୀ ସହିତ ଏକ ଲାଇବ୍ରେରୀ ହଲ୍ ପ୍ରତିଷ୍ଠା କରିବା ପାଇଁ ମତପ୍ରକାଶ ପାଇଥିଲା। ମଞ୍ଚର ସମସ୍ତ ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରିବା ପାଇଁ ମଧ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନାରେ ଜଗଦାନନ୍ଦ ଛୁରିଆ, ଶିବଶଙ୍କର ଖୁଆସ, ମନୋରଞ୍ଜନ ମିଶ୍ର, ମନୋରଞ୍ଜନ ସାହୁ, ପଦ୍ମଚରଣ ଆଚାର୍ଯ୍ୟ, ମଲିଆ ଗଡୁଆ, ସୁଧାଂଶୁ ଶେଖର ଦର୍ଜୀ, ଶ୍ରୀକାନ୍ତ ପାଣିଗ୍ରାହୀ, ବିନୟ ମିଶ୍ର, ବିଶ୍ୱନାଥ ମିଶ୍ର, ତ୍ରିଲୋଚନ ଦାସ, ଶ୍ୟାମସୁନ୍ଦର ଆଚାର୍ଯ୍ୟ, ସୁନୀଲ ଚନ୍ଦ୍ର ବିଶ୍ୱାଲ, ବୃନ୍ଦେନ୍ଦ୍ର କୁମାର ବେହେରା ଓ ଚିତ୍ତରଞ୍ଜନ ପଟେଲ ଅଂଶଗ୍ରହଣ କରିଥିଲେ।

■ ବଲାଙ୍ଗୀର, ଲୋଇସିଂହା ବିଧାନସଭା ନିର୍ବାଚନମଣ୍ଡଳୀ

# ଅର୍କେଶ, ପ୍ରଦୀପ, ଦ୍ରୋଣ, ମନୋରଞ୍ଜନ ପ୍ରାର୍ଥୀପତ୍ର ଦାଖଲ କଲେ







ବିଜେଡି ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି (ବାମ)। ଆମ୍ ଆଦମୀ ପାର୍ଟି ପ୍ରାର୍ଥୀ ଆଶିଷ ପାଣ୍ଡେ ପ୍ରାର୍ଥୀ ପତ୍ର ଦାଖଲ କରୁଛନ୍ତି (ମଝି)। ବିଏସ୍‌ପି ପ୍ରାର୍ଥୀ ଦ୍ରୋଣ କୁମ୍ଭାର ପ୍ରାର୍ଥୀପତ୍ର ଦାଖଲ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

**ବଲାଙ୍ଗୀର ଅଫିସ,୨୬।୩**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସକାଶେ ବଲାଙ୍ଗୀର ଓ ଲୋଇସିଂହା ବିଧାନସଭା ଆସନ ପାଇଁ ମଙ୍ଗଳବାର ବହୁ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବଲାଙ୍ଗୀର ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ, ବିଏସ୍‌ପି ପ୍ରାର୍ଥୀ ଦ୍ରୋଣ କୁମ୍ଭାର, ଆମ୍ ଆଦମୀ ପାର୍ଟି ପ୍ରାର୍ଥୀ ଆଶିଷ ପାଣ୍ଡେ, ସ୍ୱାଧୀନ ପ୍ରାର୍ଥୀ କପିଳ କୁମ୍ଭାର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ଅପରାହ୍ଣ ୩ଟା ସୁଦ୍ଧା ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୮ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ସେହିପରି ଲୋଇସିଂହା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପ୍ରଦୀପ କୁମାର ବେହେରା, କଂଗ୍ରେସ ପ୍ରାର୍ଥୀ ନବକିଶୋର ନାଏକ, ସ୍ୱାଧୀନ ପ୍ରାର୍ଥୀ ଆନନ୍ଦ ଚନ୍ଦ୍ର ନାଏକ, ଜଗଦୀଶ ଚନ୍ଦ୍ର ବିଭାର, ବଳରାମ ସା, ମଘା କୁମ୍ଭାର, ହିନ୍ଦୁସ୍ଥାନ ନିର୍ମାଣ ଦଳ ପ୍ରାର୍ଥୀ ସରୋଜ କୁମାର ସୁନା ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ମଙ୍ଗଳବାର ଅପରାହ୍ଣ ୩ଟା ସୁଦ୍ଧା ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ୧୧ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ଦିନ ପ୍ରାୟ ୧୨ଟା ସମୟରେ ଶୈଳଶ୍ରୀ ପ୍ୟାଲେସରୁ ବିଜେଡି ପ୍ରାର୍ଥୀ ଅର୍କେଶ ସିଂଦେଓ ଏକ ଶୋଭାଯାତ୍ରାରେ ବାହାରି ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ବିଜେଡି ଉପସଭାପତି ତଥା ବାପା ଅନଙ୍ଗ ଉଦୟ ସିଂଦେଓ, ସ୍ତ୍ରୀ ଆଦ୍ରିଜା ମଞ୍ଜରୀ ସିଂଦେଓଙ୍କ ସହ ବିଜେଡିର ସହସ୍ରାଧିକ ସମର୍ଥକ ଉପଜିଲାପାଳ କାର୍ଯ୍ୟାଳୟକୁ ଆସିଥିଲେ। ଦିନ ପ୍ରାୟ ୧ଟା ବେଳେ ସେ ଉପଜିଲାପାଳ ଭୈରବ ସିଂ ପଟେଲଙ୍କୁ ପ୍ରାର୍ଥୀପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଯୁବନେତା ସିଂଦେଓ ପ୍ରତିକ୍ରିୟା ପ୍ରକାଶ କରି ବଲାଙ୍ଗୀରର ବିକାଶ, ଶିଳ୍ପ ପ୍ରତିଷ୍ଠା, ନିଯୁକ୍ତି, କୃଷି, ଜଳସେଚନର ଉନ୍ନତି ଦିଗରେ ସେ ଧ୍ୟାନଦେବେ ବୋଲି କହିଥିଲେ। ପ୍ରତିପକ୍ଷ କଂଗ୍ରେସ ବିଧାୟକଙ୍କ ଅବହେଳାକୁ ସେ ଲୋକଲୋଚନକୁ ଆଣିବା ସହ ଆଗକୁ ସକରାତ୍ମକ ବିକାଶମୂଳକ ନିର୍ବାଚନୀ ପ୍ରସଙ୍ଗ ନେଇ ଲୋକଙ୍କ ପାଖକୁ ଯିବେ ବୋଲି କହିଥିଲେ। ବିଏସ୍‌ପି ପ୍ରାର୍ଥୀ ଦ୍ରୋଣ କୁମ୍ଭାର ମଧ ଏକ ଶୋଭାଯାତ୍ରାରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଦଳିତ ଓ ଅବହେଳିତ ବର୍ଗଙ୍କ ଉନ୍ନତି ଦିଗରେ ସେ କାର୍ଯ୍ୟ କରିବେ ବୋଲି କହିଥିଲେ।

ଲୋଇସିଂହା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ନବ କିଶୋର ନାଏକ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଲୋଇସିଂହା ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଦିଗରେ ସେ କାର୍ଯ୍ୟ କରିବେ ବୋଲି ସେ କହିଥିଲେ। ବିଜେଡି ପ୍ରାର୍ଥୀ ପ୍ରଦୀପ ବେହେରା ପ୍ରାର୍ଥୀ ପତ୍ର ଦାଖଲ କରି ଲୋଇସିଂହା ନିର୍ବାଚନ ମଣ୍ଡଳୀର ସ୍ୱାସ୍ଥ୍ୟ, ଜଳସେଚନ, ଗମନାଗମନ ଦିଗରେ ସେ ଅଧିକ ଦୃଷ୍ଟି ଦେବେ ବୋଲି କହିଥିଲେ। ଲୋଇସିଂହା ନିର୍ବାଚନ ମଣ୍ଡଳୀରୁ ଦଳିତବର୍ଗଙ୍କ ପ୍ରତିନିଧିଙ୍କୁ କୌଣସି ପ୍ରମୁଖ ଦଳ ପ୍ରାର୍ଥୀ କରୁ ନ ଥିବା ପ୍ରତିବାଦରେ ଦଳିତବର୍ଗ ସ୍ୱାଧୀନପ୍ରାର୍ଥୀ ଭାବେ ମନୋରଞ୍ଜନ କୁମ୍ଭାରଙ୍କୁ ପ୍ରାର୍ଥୀ କରିଥିବା କୁହାଯାଇଛି। ଏହା ସହିତ ବିଜେଡିରୁ ଟିକଟ ନ ପାଇ ଅସନ୍ତୁଷ୍ଟ ନେତା ମଘା କୁମ୍ଭାର ମଧ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅନୁସୂଚିତ ଜାତିବର୍ଗରେ ଦଳିତମାନଙ୍କ ପ୍ରତି ଜାଣିଶୁଣି ଅବହେଳା କରାଯାଇ ପ୍ରାର୍ଥୀ କରାଯାଉ ନ ଥିବା ନେଇ ମଘା କୁମ୍ଭାର ମଧ ଘୋର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।





ଲୋଇସିଂହା ବିଧାନସଭା ବିଜେଡି ପ୍ରାର୍ଥୀ ପ୍ରଦୀପ କୁମାର ବେହେରା ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଛନ୍ତି (ବାମ)। ସ୍ୱାଧୀନ ପ୍ରାର୍ଥୀ ମନୋରଞ୍ଜନ କୁମ୍ଭାର ପ୍ରାର୍ଥୀପତ୍ର ଦାଖଲ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

# ଶେଷ ଦିନରେ ଟିଟିଲାଗଡ଼ରୁ ୪ ନାମାଙ୍କନପତ୍ର ଦାଖଲ



ଟୁକୁନି ସାହୁ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।



ସୁରେନ୍ଦ୍ର ସିଂ ଭୋଇ ନାମାଙ୍କନପତ୍ର ଦାଖଲ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

**ଟିଟିଲାଗଡ଼,୨୬।୩(ଡି.ଏନ.ଏ.)**

- ବିଜେଡିରୁ ଟୁକୁନି ସାହୁ
- କଂଗ୍ରେସରୁ ସୁରେନ୍ଦ୍ର ସିଂ ଭୋଇ
- ବିଏସ୍‌ପିରୁ ବିଭୀଷଣ ନାଗ
- ସତ୍ୟନାରାୟଣ ବହିଦାର (ସ୍ୱାଧୀନ)

ଟିଟିଲାଗଡ ନିର୍ବାଚନମଣ୍ଡଳୀର ବିଧାୟକ ପଦ ପାଇଁ ମଙ୍ଗଳବାର ୪ ଜଣ ପ୍ରାର୍ଥୀ ଉପଜିଲାପାଳଙ୍କଠାରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ବିଜେଡିର ପ୍ରାର୍ଥୀନୀ ଟୁକୁନୀ ସାହୁ, କଂଗ୍ରେସର ସୁରେନ୍ଦ୍ର ସିଂଭୋଇ, ବିଏସ୍‌ପିର ବିଭୀଷଣ ନାଗ ଓ ସତ୍ୟନାରାୟଣ ବହିଦାର (ସ୍ୱାଧୀନ)। ଏମାନେ ନିଜ ନିଜର ନାମାଙ୍କନପତ୍ର ରିଟର୍ନିଂ ଅଫିସର ତଥା ସ୍ଥାନୀୟ ଉପଜିଲାପାଳ ସୁଧାକର ନାୟକଙ୍କ ନିକଟରେ ଦାଖଲ କରିଛନ୍ତି। ଟୁକୁନୀ ତାଙ୍କ ବାସଭବନରୁ ମନ୍ତ୍ରୀ ସୁଶାନ୍ତ ସିଂ, ବଲାଙ୍ଗୀର ଏମ୍‌ପି କଳିକେଶ ସିଂଦେଓଙ୍କ ସ୍ତ୍ରୀ ମେଘନା ସିଂଦେଓ, ଦଳର ଜିଲା କାର୍ଯ୍ୟକାରୀ ସଭାପତି ଭବାନୀ ପ୍ରସାଦ ହୋତା, ବରିଷ୍ଠ ନେତା ଚିନ୍ତାମଣୀ ତାଣ୍ଡୀ, ଶମ୍ଭୁପ୍ରସାଦ ସାହୁ, ସୁରେନ୍ଦ୍ର ସାହୁ, ଦିଲୀପ ରାଜପାଲିଆ, ବିଶ୍ୱନାଥ ସୁଆର, ମାନଭଞ୍ଜନ ପାଣିଗ୍ରାହୀ, ସୁରେନ୍ଦ୍ର ପ୍ରଧାନ, ପୌରପାଳ ଗୋବର୍ଦ୍ଧନ ନାଗ, ବ୍ଲକ୍ ଅଧକ୍ଷା ରମାକାନ୍ତି ପୁଟେଲ ପ୍ରମୁଖଙ୍କ ଉପସ୍ଥିତିରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ସୁରେନ୍ଦ୍ରଙ୍କ ସମର୍ଥନରେ ଛତିଶଗଡର ସ୍ୱାସ୍ଥ୍ୟମନ୍ତ୍ରୀ ଟିଏସ ସିଂଦେଓ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ସମେତ ବହୁ ତୁଙ୍ଗ ନେତା ନାମାଙ୍କନପତ୍ର ଦାଖଲ ସମୟରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଭାଜପାରୁ ଅଶୋକ ଦୋରା, କ୍ଷମା ଅଗ୍ରୱାଲ (ସ୍ୱାଧୀନ), ହିଜବୁଲ ରହମାନ (ସ୍ୱାଧୀନ) ଓ ଆମ୍ବେଡକର ପାର୍ଟି ଅଫ ଇଣ୍ଡିଆ (ଏପିଆଇ)ରୁ ମଧୁସୂଦନ ବାରିକ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ପ୍ରଚାର ଆରମ୍ଭ କଲେ କଂଗ୍ରେସ ପ୍ରାର୍ଥୀ ନରସିଂହ, ସମରେନ୍ଦ୍ର

**ବଲାଙ୍ଗୀର ଅଫିସ,୨୬।୩**

ନାମାଙ୍କନ ପତ୍ର ଦାଖଲ କରିବା ପରେ କଂଗ୍ରେସ ପକ୍ଷରୁ ପ୍ରଚାର କାର୍ଯ୍ୟ ଆରମ୍ଭ କରାଯାଇଛି। ସ୍ଥାନୀୟ ବିକ୍ରମ ଛକ ଠାରେ କଂଗ୍ରେସର ଉଭୟ ଲୋକସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ବିଧାନସଭା ପ୍ରାର୍ଥୀ ନରସିଂହ ମିଶ୍ର ନିର୍ବାଚନୀ ପ୍ରଚାର ଆରମ୍ଭ କରିଥିଲେ। ଏହି ପ୍ରଚାର କାର୍ଯ୍ୟରେ ଓଡିଶା କଂଗ୍ରେସ ପ୍ରଭାରୀ ତଥା ଛତିଶଗଡ ମନ୍ତ୍ରୀ ଟି.ଏସ. ସିଂଦେଓ ଯୋଗଦେଇ ଯୁବ ଭୋଟର ତଥା ବରିଷ୍ଠ ନାଗରିକମାନଙ୍କୁ ସାକ୍ଷାତ କରି କଂଗ୍ରେସ ସପକ୍ଷରେ ଭୋଟଦେବା ପାଇଁ ଅନୁରୋଧ କରିଥିଲେ। ବିଶେଷ କରି ରାଜ୍ୟ ତଥା ଦେଶରେ କଂଗ୍ରେସ ସରକାର ଆସିଲେ ଯୁବକ, ମହିଳା ଏବଂ କୃଷକ ବର୍ଗଙ୍କ ପାଇଁ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ନେଇଥିବା ଯୁଗାନ୍ତକାରୀ ପଦକ୍ଷେପ ଓ କଂଗ୍ରେସର ନିର୍ବାଚନ ଇସ୍ତାହାର ଉପରେ ଉପରେ ଲୋକଙ୍କୁ ଅବଗତ କରିଥିଲେ। ନିର୍ବାଚନୀ ରୋଡ ସୋ ରେ ଦୈନିକ ବଜାର ଦେଇ ସମଲେଶ୍ୱରୀ ମନ୍ଦିର ଛକରୁ ପାଟଣା ହୋଟେଲ ଛକ ପର୍ଯ୍ୟନ୍ତ ବୁଲିଥିଲେ। ରାସ୍ତା କଡରେ ଥିବା ପରିବା ବିକାଳି ତଥା ଉଠାଦୋକାନୀମାନଙ୍କ ସହିତ ସମରେନ୍ଦ୍ର, ନରସିଂହ ଓ ମନ୍ତ୍ରୀ ସିଂଦେଓ ନିର୍ବାଚନୀ ଇସ୍ତାହାରକୁ ନେଇ ଆଲୋଚନା କରିଥିଲେ। ସମଲେଶ୍ୱରୀ ମନ୍ଦିର ଠାରେ ସମବେତ ଯୁବକ ଓ ବ୍ୟବସାୟୀମାନଙ୍କ ସହିତ ଆଲୋଚନା କରିଥିଲେ। ବଲାଙ୍ଗୀର ଓ ସୋନପୁର ଜିଲାରେ ଯୁବକମାନଙ୍କ ରୋଜଗାର ପାଇଁ କୃଷିଭିତ୍ତିକ ଶିଳ୍ପର ପ୍ରତିଷ୍ଠା କରିବା ଏବଂ ଅବହେଳିତ ଅଞ୍ଚଳର ଚାଷ ଓ ଚାଷୀ ପାଇଁ ଲଢେଇ କରି ତାଙ୍କର ନ୍ୟାଯ୍ୟ ହକ ପ୍ରଦାନ ଉପରେ ଜୋର ଦେଇଥିଲେ। ରୋଡ ସୋ ସମୟରେ ବିଭିନ୍ନ ସ୍ଥାନରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଉଭୟ ପ୍ରାର୍ଥୀଙ୍କୁ ସ୍ୱାଗତ କରାଯାଇଥିଲା।

■ ବଲାଙ୍ଗୀର ଜିଲାରେ ସରିଲା ପ୍ରାର୍ଥୀପତ୍ର ଦାଖଲ

# ଲୋକସଭାରେ ୮, ୫ ବିଧାନସଭାରେ ୪୦ ପ୍ରାର୍ଥୀ

**ବଲାଙ୍ଗୀର ଅଫିସ,୨୬।୩**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସକାଶେ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ସରିଛି। ବଲାଙ୍ଗୀର ଲୋକସଭା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦଳର ସମୁଦାୟ ୮ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେଡିର କଳିକେଶ ନାରାୟଣ ସିଂଦେଓ, ଭାରତୀୟ ଜାତୀୟ କଂଗ୍ରେସର ସମରେନ୍ଦ୍ର ମିଶ୍ର, ଭାଜପାର ସଙ୍ଗୀତା କୁମାରୀ ସିଂଦେଓ, ଆମ୍ବେଡ଼କରାଇଟ୍ ପାର୍ଟି ଅଫ୍ ଇଣ୍ଡିଆର ଦିନେଶ ନାଗ, ଏସ୍‌ୟୁସିଆଇ (ସି)ର ହୃଦାନନ୍ଦ କରୁଆଁ, ମହୁଜନ ମୁକ୍ତି ପାର୍ଟିର ସୁରେଶ କୁମାର ପଟେଲ, ବପହୁଜନ ସମାଜ ପାର୍ଟିର ରଣ ନାଗ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଡ ବିପିନ କୁଶଲିଆ ମନୋନୟନ ପତ୍ର ଦାଖଲ କରିଛନ୍ତି। ବଲାଙ୍ଗୀର ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଲୋଇସିଂହାରେ ୧୧ ପ୍ରାର୍ଥୀ, ବଲାଙ୍ଗୀରରେ ୮, ଟିଟିଲାଗଡରେ ୮, କଣ୍ଟାବାଞ୍ଜିରେ ୮ ଓ ପାଟଣାଗଡରେ ୫ଟିକୁ ମିଶାଇ ସମୁଦାୟ ୪୦ ଜଣ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଛନ୍ତି। ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ଭାଜପାର କନକ ବର୍ଦ୍ଧନ ସିଂଦେଓ, ବିଜେଡିର ସରୋଜ ମେହେର, ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ରମେଶ ପୁରୋହିତ, ବହୁଜନ ସମାଜ ପାର୍ଟିର ଲବ ସୁନା ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଅନୀଲ ମେହେର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।





କଣ୍ଟାବାଞ୍ଜି ବିଜେଡି ପ୍ରାର୍ଥୀ ଅଜୟ ଦାସ ଓ କଂଗ୍ରେସର ସନ୍ତୋଷ ସିଂ ସାଲୁଜା ଉପଜିଲାପାଳଙ୍କଠାରେ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି।

# ଅନ୍ତିମ ଦିନରେ କଣ୍ଟାବାଞ୍ଜିରୁ ୪ ନାମାଙ୍କନ ପଡ଼ିଲା

**କଣ୍ଟାବାଞ୍ଜି,୨୬।୩(ଡି.ଏନ.ଏ.)**

କଣ୍ଟାବାଞ୍ଜି (୭୦) ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମଙ୍ଗଳବାର ଶେଷ ଦିନରେ ୪ ଜଣ ପ୍ରାର୍ଥି ଟିଟିଲାଗଡ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ସୁଧାକର ନାୟକଙ୍କ ନିକଟରେ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏମାନେ ହେଲେ ବିଜେଡିର ଅଜୟ ଦାସ, କଂଗ୍ରେସର ସନ୍ତୋଷ ସିଂ ସାଲୁଜା, ସ୍ୱାଧୀନ ଭାବେ ମୟ ବାଗ ଓ ଅଜିତ କଠାର। ତେବେ ବିଜେଡିର ଅଜୟ ଦାସ ୪ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବିଜେଡି ତରଫରୁ ମନ୍ତ୍ରୀ ସୁଶାନ୍ତ ସିଂ, ଓବିସି ସେଲ୍‌ର ରାଜ୍ୟ ଅବାହକ ନନ୍ଦଲାଲ ସିଂଙ୍କ ସହ ଅନେକ ଦଳୀୟ ନେତା ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ତରଫରୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଛତିଶଗଡ ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ. ସିଂଦେଓ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ପୂର୍ବରୁ ଭାଜପାରୁ ଲକ୍ଷ୍ମଣ ବାଗ ଓ ସ୍ୱାଧୀନ ଭାବେ ସୁରଥ ବେହେରା ନାମାଙ୍କନପତ୍ର ଦାଖଲ କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୭ ମାର୍ଚ୍ଚ, ୨୦୧୯



ମୁଁ ଅନ୍ୟକୁ ଥଟ୍ଟା କରେ ସତକଥା କହି, କାରଣ ସତ୍ୟ ହେଉଛି ସବୁଠାରୁ ବଳି ଆମୋଦଦାୟକ ଥଟ୍ଟା।
- ଜର୍ଜ ବର୍ନାଡ ଶ



## ସଂକ୍ଷେପରେ



### ବାରବନ୍ଧାରେ ପୁଣି ମାଓବାଦୀ ପୋଷ୍ଟର

ବାରବନ୍ଧା/ସେରଗଡ,୨୬।୩ (ଡି.ଏନ.ଏ.) କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ବାରବନ୍ଧା ଗ୍ରାମପଞ୍ଚାୟତ ବେଲଗାଁ ଏବଂ ଡୁଡୁକାରାର ବିଭିନ୍ନ ସ୍ଥାନର କାନ୍ଥରେ ମଙ୍ଗଳବାର ମାଓବାଦୀ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି । ଏଥିରେ ଭୋଟ ବର୍ଜନ କରନ୍ତୁ, ବିପ୍ଳବୀ ହୁଅନ୍ତୁ, ଭୋଟ ପଥରେ ମୁକ୍ତ ନାହିଁ, ମୁକ୍ତ ପାଇଁ କରସଶସ୍ତ୍ର ବୋଲି ଲେଖାଯାଇଛି । ଏଥିସହ ପୋଲିସ କୁକୁରକୁ ପଠାଅନାହିଁ ବୋଲି ପୋଷ୍ଟରେ ଉଲ୍ଲେଖ ଅଛି ଏବଂ ପୋଲିସ ନବୀନ ଭୋଇଙ୍କୁ ଆଗାମୀ ଦିନରେ ମୃତ୍ୟୁ ଦଣ୍ଡ ଦିଆଯିବ । ଆଗାମୀ ନିର୍ବାଚନରେ ଜନସାଧାରଣ ଭୋଟ ବର୍ଜନ କରିବାକୁ କୁହାଯାଇଛି। ପୋଷ୍ଟର ତଳେ ସିପିଆଇ (ମାଓବାଦୀ) କେ.କେ.ବି.ଏନ. ବୋଲି ଲେଖାଯାଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ସେହି ସ୍ଥାନକୁ ଯାଇନାହିଁ ।

### ବିଜୁ ଜନତା ଦଳ ବୈଠକ

ରିଷିଡା,୨୬।୩(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ବିଜୁ ଜନତା ଦଳର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ କମିଟିର ସଭାପତି ନନ୍ଦକିଶୋର ରଣାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଅର୍ନ୍ତଯ୍ୟାମୀ ସାହୁ, ଶିବଲାଲ କେଡିଆ, ପୂର୍ବତନ ସରପଞ୍ଚ ନାରାୟଣ ରଣା ପ୍ରମୁଖ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ରିଷିଡା,୨୬।୩(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯମୁନାପୁରଠାରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଡଙ୍ଗାପଟା ଦଳ ୩-୦ ଗୋଲରେ ରାସତାମାଲ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଳଜିତ ସିଂ, ସମ୍ମାନିତ ଅତିଥି ଭାବେ ରେଗେଡା ପୂର୍ବତନ ସରପଞ୍ଚ ରବିଶଙ୍କର ନାଗ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଫାଇନାଲ ଖେଳର ଧାରାବିବରଣୀ ବିକ୍ରମ ସାହୁ ପ୍ରଦାନ କରିଥିଲେ।

### ଚାଷୀଙ୍କ ମହୁଲ ଫୁଲ ସଂଗ୍ରହ

ରିଷିଡା,୨୬।୩(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳରେ ଏବେ ଚାଷୀମାନେ ମହୁଲ ଫୁଲ ସଂଗ୍ରହରେ ବ୍ୟସ୍ତ ରହୁଛନ୍ତି । ଏହି ଅଞ୍ଚଳରେ ଅନେକ ଚାଷୀଙ୍କ ଚାଷ ଜମିରେ ମହୁଲ ଗଛ ରହିଥିବାରୁ ମହୁଲ ଫୁଲ ଏବେ ତାଙ୍କର ଜୀବନ ଜୀବିକା ସାଜିଛି । ଏହି ମହୁଲ ଫୁଲ ସଂଗ୍ରହ କରି ଚାଷୀ ଖରାରେ ଶୁଖାଇ କିଲୋ ୧୦ ଟଙ୍କାରେ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇ ପାରୁଛନ୍ତି । ସେଥିପାଇଁ ଭୋରରୁ ଚାଷୀ ନିଜର ମହୁଲ ଗଛ ନିକଟକୁ ଚାଲିଯାଏ ।

---

ମୌଳିକ ସୁବିଧାରୁ ବଞ୍ଚିତ ସୁର୍ଲି, ସୁପେଲ, କୁସୁମ୍ଭରା ଗ୍ରାମ

# ୩ ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

**ଜୁନାଗଡ ବ୍ଲକ**
■ ଜୁନାଗଡ ବିଡିଓଙ୍କୁ ଲିଖିତ ଭାବେ ଜଣାଇଲେ

ଜୁନାଗଡ,୨୬।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ଦୁର୍ଗମ ଓ ମାଓବାଦୀ ଅଞ୍ଚଳ କୁହାଯାଉଥିବା ଦେଦର ପଞ୍ଚାୟତ ସୁର୍ଲି, ସୁପେଲ ଓ କୁସୁମ୍ଭରା ଗ୍ରାମବାସୀ ସ୍ୱାଧୀନତାର ୭୧ବର୍ଷ ପରେ ବି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଚଳିତ ସାଧାରଣ ନିର୍ବାଚନରେ ଭୋର୍ଟ ବର୍ଜନ କରିବାକୁ ଉକ୍ତ ୩ଟି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏ ବିଷୟରେ ୩ ଗ୍ରାମବାସୀ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ମଙ୍ଗଳବାର ଏକ ଲିଖିତ ଜଣାଇଛନ୍ତି।

ପ୍ରକାଶ ଯେ, ଜୁନାଗଡ ବ୍ଲକ ଦେଦର ପଞ୍ଚାୟତର ସୁର୍ଲି, ସୁପେଲ ଓ କୁସୁମ୍ଭରା ଏକ ଦୁର୍ଗମ ଓ ମାଓବାଦୀ ଅଧୁଷିତ ଅଞ୍ଚଳ। ଏହି ୩ଟି ଗାଁ ରାଜସ୍ୱ ଗ୍ରାମ ହୋଇଥିବାବେଳେ ସ୍ୱାଧୀନତାର ୭୧ବର୍ଷ ପରେ ମଧ୍ୟ ଏ ଅଞ୍ଚଳରେ ବିକାଶ ପହଞ୍ଚି ପାରିନାହିଁ । ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ମୋବାଇଲ ସେବା ଏମାନଙ୍କ ପାଇଁ ଅପହଞ୍ଚ । ଅଞ୍ଚଳବାସୀଙ୍କ ଗମନାଗମନ ପାଇଁ ସରକାର କୌଣସି ରାସ୍ତା ମଧ୍ୟ ନିର୍ମାଣ କରିନାହାନ୍ତି। ଗତ କିଛିଦିନ ତଳେ ଗ୍ରାମବାସୀ ଶ୍ରମଦାନ କରି ବହୁକଷ୍ଟରେ ଏକ ପାଦଚଲା ରାସ୍ତା ନିର୍ମାଣ କରିଥିଲେ। ଏହି ରାସ୍ତା ଗତ ବର୍ଷା ଋତୁରେ ଧୋଇ ନେବା ଫଳରେ ଗ୍ରାମବାସୀଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଇଛି। ରାସ୍ତା ନ ଥିବାରୁ ଲୋକେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବର୍ଷା ଦିନରେ କୌଣସି ରୋଗୀ କିମ୍ବା ଗର୍ଭବତୀ ମହିଳାମାନଙ୍କୁ ଡାକ୍ତରଖାନା ଆଣିବାକୁ ହେଲେ ଖଟିଆରେ ବୋହି ପ୍ରାୟ ୧୦ କି.ମି. ଦୂର ମୁଖ୍ୟ ରାସ୍ତାକୁ ନିଆଯାଇଥାଏ। ଅନେକ ସମୟରେ ଗର୍ଭବତୀ ମହିଳାମାନଙ୍କୁ ଖଟିଆରେ ବୋହି ଆଣୁଥିବା ବେଳେ ବାଟରେ ପ୍ରସବ ହେଉଥିବା ବେଳେ କିଛି ମହିଳା ବାଟରେ ମଧ୍ୟ ମୃତ୍ୟୁ ବରଣ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମରେ ଅନେକ ନଳକୂପ ଅଚଳ ହୋଇ ପଡିରହିଛି। ଅଭିଯୋଗ କଲେ ମଧ୍ୟ ମରାମତି କରାଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ନଳକୂପ କମ୍ ଗଭୀରରୁ ଖୋଳାଯାଇଥିବାରୁ ଖରାଦିନରେ ପାଣି ଶୁଖିଯାଇଥାଏ। ଫଳରେ ଗ୍ରାମବାସୀ ପିଇବା ପାଣି ପାଇଁ ନାଳ, ଝରଣା, ନଦୀ ବାଲିଚୁଆଁ ଉପରେ ଭରସା କରିଥାନ୍ତି। ଏହି ଦୁଷିତ ପାଣି ପିଇ ଲୋକେ ରୋଗାଗ୍ରସ୍ତ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ଗ୍ରାମରେ ଶିକ୍ଷା ବ୍ୟବସ୍ଥା ଫେଲ ମାରିଛି। ସ୍କୁଲ ଅଛି ହେଲେ ନିୟମିତ ଶିକ୍ଷକ ଆସୁ ନ ଥିବାରୁ ଛାତ୍ରୀଛାତ୍ରମାନେ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ ସମୟରେ ୩ ଗ୍ରାମବାସୀ ପ୍ରଶାସନ, ରାଜନେତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଉପରୋକ୍ତ ସମସ୍ୟା ସମ୍ପର୍କରେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। କେବଳ ନିର୍ବାଚନ ସମୟରେ ରାଜନେତାମାନେ ଏହି ଅଞ୍ଚଳକୁ ଭୋଟ ଭିକ୍ଷା କରିବାକୁ ଆସିଥାନ୍ତି। ନିର୍ବାଚନ ସରିଗଲେ ଆହୁରି କାହାର ଦେଖା ମିଳି ନ ଥାଏ ବୋଲି ଗ୍ରାମବାସୀ କ୍ଷୋଭର ସହ କହନ୍ତି। ଗତ ୨୦୧୪ ନିର୍ବାଚନରେ ମଧ୍ୟ ଗ୍ରାମବାସୀ ଭୋଟ ବର୍ଜନ କରିବା ପାଇଁ ସରକାରଙ୍କୁ ଜଣାଇଥିଲେ। ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କୁ ସରକାରଙ୍କ ସମସ୍ତ ଯୋଜନାରେ ସାମିଲ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ୫ ବର୍ଷ ପରେ ମଧ୍ୟ ଏହି ଯୋଜନାଗୁଡିକ ଗ୍ରାମବାସୀଙ୍କ ପାଖରେ ପହଞ୍ଚିପାରି ନ ଥିବା ଗ୍ରାମବାସୀ ଅଭିଯୋଗ କରନ୍ତି। ଫଳରେ ଉକ୍ତ ୩ଟି ଗ୍ରାମବାସୀ ଚଳିତ ନିର୍ବାଚନରେ ଭୋଟ ନ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

---

‘ଜଳ ନାହିଁ ତ ଜୀବନ ନାହିଁ’

# ସଚେତନତା ଶୋଭାଯାତ୍ରା

ଭବାନୀପାଟଣା,୨୬।୩(ଡି.ଏନ.ଏ.)

‘ଜଳ ନାହିଁ ତ ଜୀବନ ନାହିଁ’ ଓ ‘ଜଳ ବଞ୍ଚାଅ, ଜୀବନ ବଞ୍ଚାଅ’ ଆଦି ସ୍ଲୋଗାନ ସଂକ୍ରାନ୍ତ ପ୍ଲାକାର୍ଡ ଧରି ସ୍କୁଲ ପିଲାମାନେ ମଙ୍ଗଳବାର ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରାଇଥିଲେ । ବିଶ୍ୱ ଜଳ ଦିବସ ଅବସରରେ ଏଏଫପିଆରଓ ଓ ଏଚଡିଏଫସି ବ୍ୟାଙ୍କ ସହାୟତାରେ ଆୟୋଜିତକାର୍ଯ୍ୟକ୍ରମରେଭବାନୀପାଟଣା ବ୍ଲକ ଅଧୀନ ବୋରଗୁଡ଼ା ଗ୍ରାମ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ବିଦ୍ୟାର୍ଥୀମାନେ ଗ୍ରାମକୁ ଗ୍ରାମ ବୁଲି ଲୋକମାନଙ୍କୁ ଜଳ ସୁରକ୍ଷା ସଂକ୍ରାନ୍ତରେ ସଚେତନ କରାଇଥିଲେ । ସାମଗ୍ରୀକ ଗ୍ରାମୀଣ ବିକାଶ ପରିଯୋଜନା ଅନ୍ତର୍ଗତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ-ଶିକ୍ଷୟିତ୍ରୀ, ଗ୍ରାମବାସୀ, କର୍ଲାଗୁଡ଼ା ସରପଞ୍ଚ ଓ ଭୂତଳ ଜଳ ବିଭାଗର ଭୂତତ୍ତ୍ୱବିତ୍ ଏ.କେ. ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ବିଭିନ୍ନ ଗ୍ରାମ ପରିକ୍ରମା ପରେ ସ୍କୁଲ ପରିସରରେ ଜଳ ଦିବସ ଉପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଏଫପିଆରଓ ସଂସ୍ଥାର କାର୍ଯ୍ୟକ୍ରମ ତତ୍ତ୍ୱାବଧାରକ କନ୍ଦର୍ପ ସାହୁ, ପ୍ରଧାନଶିକ୍ଷକ ସହଦେବ ସାହୁ ଓ କର୍ଲାଗୁଡ଼ା ସରପଞ୍ଚ ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଭୂତତ୍ତ୍ୱବିତ୍ ଏ.କେ. ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଳର ବ୍ୟବହାର ସଂକ୍ରାନ୍ତରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ।



ଜଳ ଦିବସ ଉପରେ ଆଲୋଚନା ସଭାରେ ଯୋଗଦେଇଥିବା ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଲୋକେ ।

---

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ପାଇକମାଳ,୨୬।୩(ଡି.ଏନ୍.ଏ.)

ପାଇକମାଳ ସ୍ଥିତ ନୃସିଂହ ନାଥ ଧର୍ମଶାଳାଠାରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ସଭାପତି ଅନିଲ କୁମାର କାଳିଆଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଗିରିଶି ଚନ୍ଦ୍ର ନାୟକ ପୂର୍ବ ବୈଠକର ବିବରଣୀପାଠ କରିଥିଲେ। ଶଙ୍କର ପ୍ରସାଦ ଦାସ ଆୟବ୍ୟୟର ହିସାବ ଦେଇଥିଲେ। ବୈଠକରେ ସଂଘର ସଭ୍ୟ ସଂଗ୍ରହ କରି କିପରି ଲୋକଙ୍କୁ ସାହାର୍ଯ୍ୟ କରାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। ବୈଠକର ଦାୟିତ୍ୱ ବିପିନ ବିହାରୀ ଠାକୁରଙ୍କୁ ଦିଆଯାଇଥିଲା। ଶେଷରେ ବିପିନ ବିହାରୀ ଠାକୁର ଧନ୍ୟବାଦ ଦେଇଥିଲେ।

---

ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

## କୋର୍ଟ ବର୍ଜନ କଲା ଓକିଲ ସଂଘ

ଭବାନୀପାଟଣା,୨୬।୩(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିର ପ୍ରତିମାସର ଶେଷ ସୋମବାର କୋର୍ଟ ବର୍ଜନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ସୋମବାର କଳାହାଣ୍ଡି ଜିଲା ଓକିଲ ସଂଘ ପକ୍ଷରୁ ଜିଲାବ୍ୟାପୀ ସମସ୍ତ କୋର୍ଟ ବର୍ଜନ କରାଯାଇଥିଲା। ଯଦି ସରକାରଙ୍କ କେବିକେ ଓ କଳାହାଣ୍ଡି ଜିଲାର ବିକାଶ ପାଇଁ ଆନ୍ତରିକତା ଥାଏ ତାହା ହେଲେ କଳାହାଣ୍ଡି ହିଁ ପ୍ରକୃତ ସ୍ଥାନ ଯେଉଁଠି ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରାଯିବା ଉଚିତ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି । ସୋମବାର ଜିଲା ଓକିଲ ସଂଘ ପକ୍ଷରୁ ଭବାନୀପାଟଣା ସହରର ସମସ୍ତ କୋର୍ଟ କାର୍ଯ୍ୟ ବର୍ଜନ କରାଯାଇଥିଲା । ଏଥିରେ କଳାହାଣ୍ଡି ଓକିଲ ସଂଘ ସଭାପତି ସନ୍ତୋଷ ପଣ୍ଡା, ସାଧାରଣ ସମ୍ପାଦକ ଅଶୋକ ପଟ୍ଟନାୟକ, କୋଷାଧ୍ୟକ୍ଷ ମହେଶ ମହାପାତ୍ର, ସୁବ୍ରତ ବହିଦାର, ଅମରେନ୍ଦ୍ର ମୁଣ୍ଡ, ଇନ୍ଦୁ ପାଣିଗ୍ରାହୀ, ସତ୍ୟ ନାରାୟଣ ପଣ୍ଡା, ସୁଧୀର ପଣ୍ଡା, ଓମ ପ୍ରକାଶ ଗୁପ୍ତା, ସୁରେଶ ପାତ୍ର, ସୁଧୀର ପଟ୍ଟନାୟକ, ସୁଧାଂଶୁ ମହାପାତ୍ର, ମିଳନ ପଟ୍ଟନାୟକ, ପ୍ରକାଶ ନାଏକ ସମେତ ବହୁ ଆଇନଜୀବୀମାନେ ଉପସ୍ଥିତ ଥିଲେ ।





ଓକିଲ ସଂଘ ପକ୍ଷରୁ କୋର୍ଟ ବର୍ଜନ କରାଯାଇଛି।

---

## ବରିଷ୍ଠ ନାଗରିକ ସଂଘର ତ୍ରୟ ମାସିକ ବୈଠକ

ଭବାନୀପାଟଣା,୨୬।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ବିଜୟ ହୋତାଙ୍କ ସଭାପତିତ୍ୱରେ ସ୍ଥାନୀୟ ଡିଏସ୍‌ଡବ୍ଲ୍ୟୁ ଅଫିସ ସଭାଗୃହରେ ତ୍ରୟମାସିକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡିଶା ବରିଷ୍ଠ ନାଗରିକ ସଂଘ ଉପସଭାପତି ନୃସିଂହ ନାରାୟଣ ପାଢୀ, ରାୟଗଡା ବରିଷ୍ଠ ନାଗରିକ ସଂଘ ସଭାପତି ବିନୋଦ ପଣ୍ଡା, ସ୍ୱତନ୍ତ୍ର ନିମନ୍ତ୍ରୀତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଓଡିଶା ବରିଷ୍ଠ ନାଗରିକଙ୍କ ଏକତା ବଜାୟ ରଖିବା ସକାଶେ ଅତିଥି ଓ ସଦସ୍ୟମାନେ ନିଜ ମତାମତ ଦେଇଥିଲେ। ବୈଠକରେ ଡେରାଡୁନ୍‌ଠାରେ ନିକଟରେ ଅନୁଷ୍ଠିତ ହୋଇଥିବା ନ୍ୟାଶନାଲ ମାଷ୍ଟରସ ଗେମରେ କଳାହାଣ୍ଡିର ବରିଷ୍ଠ ନାଗରିକ ଦୁର୍ଗାଚରଣ ମିଶ୍ର ସର୍ଟ୍‌ପୁଟ୍, ହ୍ୟାମର ଥ୍ରୋ, ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା, ଶ୍ୟାମାପଦ ବାବୁ ବ୍ୟାଡମିଣ୍ଟନ ସିଙ୍ଗଲସରେ ସ୍ୱର୍ଣ୍ଣ ପଦକ ଏବଂ ଡବଲସରେ ମନୋରଞ୍ଜି ଦାସଙ୍କୁ ସାଥି କରି କାଂଶ ପଦକ ବିଜେତା ହୋଇଥିବାରୁ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁନିଲ କୁମାର ବେହେରା, ଶାନ୍ତନୁ ମୁଣ୍ଡ, ବିଦ୍ୟା ପଣ୍ଡା, ସନ୍ତୋଷ ଦାସ, ଦିନବନ୍ଧୁ ମୁଣ୍ଡ, ସଂଘମିତ୍ରା କାନୁନ ଗୋ, ଭୁବନେଶ୍ୱର ମହାନନ୍ଦ, କୃଷ୍ଣ ଯୋଷୀ, ସ୍ୱରୂପ ରାୟ ସାମଲ, ଜଗଦୀଶ ପଣ୍ଡା, ବାସୁଦେବ ସାହାଣି, ପଦ୍ମ ପାଣିଗ୍ରାହୀ ଓ ଗଜେନ୍ଦ୍ର ପାଢୀ ପ୍ରମୁଖ ସହଯୋଗ କରିଥିଲେ।

---

ଇଷ୍ଟକୋଷ୍ଟ ରେଳୱେ ବିଭାଗ ଜିଏମ କେସିଙ୍ଗା ଷ୍ଟେଶନ ପରିଦର୍ଶନ

## ଷ୍ଟେଶନର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ



କେସିଙ୍ଗା ରେଳୱେ ଷ୍ଟେଶନରେ ଜିଏମ ଓ ପଦାଧିକାରୀ ବୃନ୍ଦ ।

କେସିଙ୍ଗା,୨୬।୩(ଡି.ଏନ.ଏ.)

ସମ୍ବଲପୁର ରେଳୱେ ଡିଭିଜନ ଅନ୍ତର୍ଗତ କେସିଙ୍ଗା ଷ୍ଟେଶନ ମଙ୍ଗଳବାର ଇଷ୍ଟକୋଷ୍ଟ ରେଳୱେ ବିଭାଗ ଅଧିକାରୀମାନେ ପରିଦର୍ଶନ କରିଥିବା ଜଣାପଡିଛି। ଇଷ୍ଟକୋଷ୍ଟ ରେଳୱେ ବିଭାଗ ଜେନେରାଲ ମ୍ୟାନେଜର ବିଦ୍ୟାଭୂଷଣ, ଡିଆରଏମ ସମ୍ବଲପୁର ଜୟଦୀପ ଗୁପ୍ତା ଏବଂ ସ୍ୱତନ୍ତ୍ର ଟ୍ରେନଯୋଗେ ଆସି ପହଞ୍ଚିଥିଲେ । ପରେ କେସିଙ୍ଗା ଷ୍ଟେଶନ ପ୍ଲାଟଫର୍ମ ୧ ନମ୍ବର ପାର୍ଶ୍ୱରେ ଏକ ବଗିଚାକୁ ଉଦ୍‌ଘାଟନ କରିଥିଲେ । କେସିଙ୍ଗା ସ୍ଥିତ ଚେମ୍ବର ଅଫ୍ କମର୍ସ ପକ୍ଷରୁ କେସିଙ୍ଗା ରେଳୱେ ଷ୍ଟେଶନର ବିଭିନ୍ନ ସମସ୍ୟା ଉପରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଟିଟିଲାଗଡ- ହାୱାଡ ୧୨୮୭୧-୧୨୮୭୨ ଇସ୍ପାତ ଟ୍ରେନ ଓ ଦୁର୍ଗ- ପୁରୀ ୧୮୪୨୫-୧୮୪୨୬ ଇଣ୍ଟରସିଟି ଟ୍ରେନକୁ କେସିଙ୍ଗା ପର୍ଯ୍ୟନ୍ତ ସଂପ୍ରସାରଣ କରିବା ପାଇଁ ଦାବି ଜଣାଇଥିଲେ । ଏତତ୍‌ବ୍ୟତିତ ବିଶାଖାପାଟଣା- ଦୁର୍ଗ ପାସେଞ୍ଜର ଓ ସମ୍ବଲପୁର- ରାୟଗଡା ତପସ୍ୱିନୀ ଟ୍ରେନରେ ପୂର୍ବର ଏସି କୋଚ ସଂଯୋଗ କରାଯାଇଥିଲା । ତାହା ବର୍ତ୍ତମାନ ସଂଯୋଗ କରିବାକୁ ଦାବି ଜଣାଇଥିଲେ । କେସିଙ୍ଗା ରେଳୱେ ଫାଟକରେ ଓଭର ବ୍ରିଜ ନିର୍ମାଣ, ଟିକେଟ କାଉଣ୍ଟର, ପ୍ଲାଟଫର୍ମ ୧ରେ କେଣ୍ଟିନ ଆଦି ବିଷୟରେ ଦାବି ଜଣାଇଥିଲେ। ଟିଟିଲାଗଡଠାରୁ କେସିଙ୍ଗାକୁ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଆସି ପହଞ୍ଚିବା ପରେ ଜିଏମ ଓ ଡିଆରଏମଙ୍କୁ ବିଭାଗୀୟ ପକ୍ଷରୁ ସ୍ୱାଗତ କରାଯାଇଥିଲା । ଏହି ସ୍ୱତନ୍ତ୍ର ଟ୍ରେନରେ ବିଭାଗୀୟ ଉଚ୍ଚ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। କେସିଙ୍ଗା ରେଳୱେ ଷ୍ଟେଶନ, ବିଭିନ୍ନ ପ୍ଲାଟଫର୍ମ ପରିଦର୍ଶନ କରିଥିଲେ। କେସିଙ୍ଗା ଚେମ୍ବର ଅଫ୍ କମର୍ସ ପକ୍ଷରୁ ଯେଉଁ ଦାବି କରାଯାଇଥିଲା ତାହା ସର୍ଭେ କରାଯାଇ ସୁବିଧା କରାଯିବ ବୋଲି ଜିଏମ ପ୍ରକାଶ କରିଥିଲେ ।

---

## ଭବାନୀପାଟଣା ସର୍କଲ ବନ କର୍ମଚାରୀଙ୍କ ପ୍ରଶିକ୍ଷଣ

ଭବାନୀପାଟଣା,୨୬।୩(ଡି.ଏନ.ଏ.)

ଭବାନୀପାଟଣା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକଙ୍କ ସଭା ପ୍ରକୋଷ୍ଠରେ ଭବାନୀପାଟଣା ସର୍କଲର ଦୁଇଦିନ ବ୍ୟାପି ହେବାକୁ ଥିବା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଭବାନୀପାଟଣା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଅଭିରାମ ନାଏକ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଭବାନୀପାଟଣା ସର୍କଲର ବରିଷ୍ଠ ବନକର୍ମଚାରୀ ଓ ଅଗଧାଡିର ବନକର୍ମଚାରୀମାନେ ଉପସ୍ଥିତ ରହି ଦୁଇଦିନ ବ୍ୟାପି ପ୍ରଶିକ୍ଷଣ ଦେଇଥିଲେ। ଆଜିର ଦିନରେ ଜଙ୍ଗଲ ଜମି, ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ସୁରକ୍ଷା ଓଡିଶା ଜଙ୍ଗଲ ଆଇନ, ନୂତନ କ୍ଷାନ କୋଶଳରେ ଚାରା ପ୍ରସ୍ତୁତି କରିବା ବିଷୟରେ ବନକର୍ମଚାରୀମାନଙ୍କୁ ବିଭିନ୍ନ ଅଧିକାରୀମାନେ ଶିକ୍ଷାଦାନ କରିଥିଲେ। ଏଥିମଧ୍ୟରେ ବନଅଧିନିୟମ ଓ ପରିବର୍ତ୍ତିତ ନିୟମ ୧୯୮୦ ଉପରେ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି. ଅଶୋକ କୁମାର ଶିକ୍ଷା ଦେଇଥିଲେ। ଓଡିଶା ବନ୍ୟଜନ୍ତୁ ସଂରକ୍ଷଣ ଅଇନ ଓ ଓଡିଶା ଜଙ୍ଗଲ ଆଇନ ଉପରେ ବରିଷ୍ଠ ହାଇକୋର୍ଟ ଓକିଲ ଅଶୋକ କୁମାର ପଟ୍ଟନାୟକ ଶିକ୍ଷା ଦେଇଥିଲେ। ମୃତ୍ତିକା ସଂରକ୍ଷଣ ଓ ଆଦ୍ରତା ଉପରେ ସର୍ବେଶ୍ୱର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଗ ସ୍ୱାଇଁ ଜଳ ବିଭାଜିକା ମିଶନ କଳାହାଣ୍ଡି ଶିକ୍ଷା ଦେଇଥିଲେ। ଆଜିର ଦିନରେ ଜଙ୍ଗଲର ସୁପରିଚାଳନାରେ ଜିଆଇଏସ ଜ୍ଞାନକୌଶଳ ଏବଂ ଡ୍ରୋନ୍ କୟାମେରାର ବ୍ୟବହାର ଜରୁରୀ ହେଉଥିବାରୁ କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧିକାରୀ ନିତିଶ କୁମାର ଶିକ୍ଷାପ୍ରଦାନ କରିଥିଲେ। ଓଡିଶା ଜଙ୍ଗଲ ଜମି ଅଧିକାର ଆଇନ୍ ଓ ବନ୍ୟ ପ୍ରାଣୀ ସୁରକ୍ଷା ଆଇନ୍ ଉପରେ ଓକିଲ ପି.କେ. ବେହେରା ଶିକ୍ଷା ଦେଇଥିଲେ। ବନୀକରଣ ଓ ନର୍ସରୀ ଉପରେ କଳାହାଣ୍ଡି କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ମଳୟ କୁମାର ଦାସ ଶିକ୍ଷା ଦେଇଥିଲେ। ଶେଷରେ ଭବାନୀପାଟଣା ସର୍କଲର ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଅଭିରାମ ନାଏକ ରୁଟ୍ ଟେନର ନର୍ସରୀ ଓ ଚାରା ଉତ୍ପାଦନ ବିଷୟରେ ସମସ୍ତ କର୍ମଚାରୀମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲେ । କଳାହାଣ୍ଡି ଉତ୍ତର ବନଖଣ୍ଡ ସହବନସଂରକ୍ଷକ ବଂଶୀଧର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଏହି ଦୁଇଦିନିଆ ପ୍ରଶିକ୍ଷଣ ଶିବିରରେ ଭବାନୀପାଟଣା ସର୍କଲର କଳାହାଣ୍ଡି ଉତ୍ତରବନଖଣ୍ଡ, ଦକ୍ଷିଣ ବନଖଣ୍ଡ, ଖରିଆର ବନଖଣ୍ଡ, ବଲାଙ୍ଗୀର ବନଖଣ୍ଡ ସୁନାବେଢା ଅଭୟାରଣ୍ୟ ବନଖଣ୍ଡ, ସୁବର୍ଣ୍ଣପୁର ବନଖଣ୍ଡର ଆଗଧାଡି ବନକର୍ମଚାରୀ ଓ ବରିଷ୍ଠ ବନକର୍ମଚାରୀ ଯୋଗଦେଇଥିଲେ। ଭବାନୀପାଟଣା ରେଞ୍ଜ ଅଫିସର ପ୍ରସନ୍ନ କୁମାର ମିଶ୍ର ଓ ଅନ୍ୟାନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ବନକର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ।

---

# ଦିବ୍ୟଶଙ୍କର, ଦୁଷ୍ମନ୍ତ, ପୁଷ୍ପେନ୍ଦ୍ରଙ୍କ ପ୍ରଚାର ଆରମ୍ଭ



ପ୍ରଚାରରେ ଦୁଷ୍ମନ୍ତ ନାଏକ, ପୁଷ୍ପେନ୍ଦ୍ର ସିଂହଦେଓ ।



ନୂଆଗୁଡାରେ ପ୍ରଚାର କରୁଛନ୍ତି କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ।

**ଚିଚୈଗୁଡା ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜା ଅର୍ଚ୍ଚନା**

ଜୁନାଗଡ,୨୬।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ମଙ୍ଗଳବାର ନିଜ ନିବାଚନୀ ପ୍ରଚାର ଆରମ୍ଭ କରିଛନ୍ତି । ଏହା ପୂର୍ବରୁ ସେ ଚିଚୈଗୁଡାସ୍ଥିତ ଐତିହାସିକ ନୀଳକଣ୍ଠେଶ୍ୱର ମନ୍ଦିରକୁ ଯାଇ ପୂଜା ଅର୍ଚ୍ଚନା କରିଥିଲେ। ପରେ ସେ ଯମୁନାବାହାଲ, ନୂଆଗୁଡା, ଚିଚୈଗୁଡା ଓ ଶାନ୍ତିପୁର ଗ୍ରାମର ପଡାକୁ ପଡା ଯାଇ ସ୍ଥାନୀୟ ଲୋକଙ୍କୁ ବିକାଶ ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହାସହ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ଏହାଦ୍ୱାରା ସାଧାରଣ ଲୋକ କିପରି ଉପକୃତ ହୋଇଛନ୍ତି ତାହା ଉପରେ ସ୍ଥାନୀୟ ଲୋକଙ୍କୁ ବୁଝାଇଥିଲେ। କ୍ୟାପ୍‌ଟେନ ମିଶ୍ର ନୂଆଗୁଡାରେ ପହଞ୍ଚିବା ପରେ ତାଙ୍କୁ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ସ୍ୱାଗତ କରିବା ସହ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ଏହି ସମୟରେ କ୍ୟାପଟେନ ମିଶ୍ରଙ୍କ ସହ ପୂର୍ବତନ ଜୁନାଗଡ ଏନଏସି ଅଧକ୍ଷ ମହେଶ କୁମାର ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ କୁମାର ବେହେରା, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର, ବୃଷଭ ଧଙ୍ଗଡାମାଝି, ଦିନେଶ ବଗର୍ତ୍ତି, ପ୍ରଦ୍ୟୁମ୍ନ ରାଉତ, ଯୁଗୋଳ କିଶୋର ଅଧିକାରୀ, ବିଶ୍ୱ ରଞ୍ଜନ ନାଏକ, ଭବାନୀ ଶଙ୍କର ବେମାଲ, ଦିଲୀପ ବିଷି, ଆଶିଷ ମେହେର, ଗଣାଧିପ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

କେସିଙ୍ଗା,୨୬।୩(ଡି.ଏନ.ଏ.) ସେହିପରି ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ତଥା ବିଜେଡିରୁ ଟିକେଟ ପାଇଥିବା ଦୁଷ୍ମନ୍ତ ନାଏକ ଏବଂ କଳାହାଣ୍ଡି ଏମ୍‌ପି ଭାବେ ବିଜେଡିର ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ମଙ୍ଗଳବାର ପ୍ରଚାର ଆରମ୍ଭ କରିଛନ୍ତି। ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ବାଲିସି, ମଶାଣିବନ୍ଧ, କାଣ୍ଡେଲ, ଲଇତରା, କେସିଙ୍ଗା ଏନଏସିର ବିଭିନ୍ନ ଗଳିକନ୍ଦିରେ ବୁଲି ପ୍ରଚାର କରିଥିଲେ। ନବୀନ ସରକାରଙ୍କୁ ସମର୍ଥନ ଜଣାଇ ଭୋଟ ଦେବା ପାଇଁ ଉଭୟ ନେତା ଭୋଟରମାନଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଦୁଇ ନେତାଙ୍କୁ ଦଳୀୟ ଟିକେଟ ଦେଇଥିବାରୁ ଗ୍ରାମାଞ୍ଚଳରେ ଲୋକେ ବିଜେଡିକୁ ଜିତାଇବା ପାଇଁ ପୁଷ୍ପେନ୍ଦ୍ର ଏବଂ ଦୁଷ୍ମନ୍ତ କହିଥିଲେ । ଏହି ପ୍ରଚାର ସମୟରେ ବିଜେଡିର ବହୁ କର୍ମୀମାନେ ଯୋଗଦେଇଥିଲେ ।



"କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।

- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

**ଜମନକିରା,୨୬।୩(ଡି.ଏନ୍.ଏ.)** ଦେଶୀ ବନ୍ଧୁକ ରଖିବା ଅଭିଯୋଗରେ ସମ୍ବଲପୁର ଜିଲା ଜମନକିରା ଥାନା ପୋଲିସ ପାଟବନ୍ଧା ଗାଁର ଶ୍ରଧାକର ନାଏକଙ୍କ ପୁଅ ପ୍ରଶାନ୍ତ ନାଏକ (୪୫)ଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଥିବା ପୋଲିସ କହିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ପ୍ରଶାନ୍ତ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତାଙ୍କ ଘରୁ ଏକ ଦେଶୀ ବନ୍ଧୁକ ମିଳିଥିଲା। ତେବେ ପ୍ରଶାନ୍ତ ବନ୍ଧୁକର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୩୫/୧୯) ରୁଜୁ କରିଛି। ଚଢ଼ାଉରେ ଏସ୍ଆଇ ରଶ୍ମିବାଳା ସେଠୀ, ଏଏସ୍ଆଇ ସୁଧୀର କୁମାର ମହାକୁଳ ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

### ଝାଡ଼ାବାନ୍ତି: ପରିସ୍ଥିତି ନିୟନ୍ତ୍ରଣାଧୀନ

**ନାକଟିଦେଉଳ,୨୬।୩(ଡି.ଏନ୍.ଏ.)** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗିରୀଶ୍ଚନ୍ଦ୍ରପୁର ପଞ୍ଚାୟତ ପାଣିଗ୍ରାହୀପାଲି ଗ୍ରାମ ଆଡ଼ିସାହିରେ ଭୋଗ ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି। ନାକଟିଦେଉଳ ଡାକ୍ତରଖାନାରେ ସୋମବାର ଭର୍ତ୍ତି ହୋଇଥିବା ୩୦ଜଣଙ୍କ ମଧ୍ୟରୁ ୧୦ଜଣଙ୍କୁ ମଙ୍ଗଳବାର ସକାଳେ ଛାଡ଼ି ଦିଆଯାଇଛି। ମଙ୍ଗଳବାର ସକାଳେ ନାକଟିଦେଉଳରୁ ଏକ ଡାକ୍ତରୀଦଳ ପ୍ରଭାବିତ ଗ୍ରାମଗୁଡ଼ିକୁ ଯାଇ ରୋଗୀମାନଙ୍କ ଚିକିତ୍ସା କରିଛନ୍ତି। ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ନିର୍ଦ୍ଦେଶକ୍ରମେ ନାକଟିଦେଉଳ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ବିଜେଡି ବ୍ଲକ ପର୍ଯ୍ୟବେକ୍ଷକ ଗିରୀଶ ରାଉତ, ଗିରୀଶ୍ଚନ୍ଦ୍ରପୁର ସମିତିସଭ୍ୟ ନକୁଳ ସମର୍ଥା, ଶୁଭେନ୍ଦୁ ପ୍ରଧାନ ଏବଂ ବିଜୁ ଯୁବବାହିନୀର ସରୋଜ ବିଶି ପ୍ରମୁଖ ମଙ୍ଗଳବାର ଗିରୀଶ୍ଚନ୍ଦ୍ରପୁର ଡାକ୍ତରଖାନା ଏବଂ ପାଣିଗ୍ରାହୀପାଲି, ଆଡ଼ିସାହି, ଭୁଲୁକି ଆଦି ଗ୍ରାମରେ ପହଞ୍ଚି ୧୫୦ ଆକ୍ରାନ୍ତଙ୍କୁ ଚୁଡ଼ା, ଚିନି, କଦଳୀ, କମଳା ଆଦି ପ୍ରଦାନ କରିଛନ୍ତି। କେତେଜଣ ଅସୁସ୍ଥଙ୍କୁ ଗିରୀଶ୍ଚନ୍ଦ୍ରପୁର ଡାକ୍ତରଖାନାରେ ଚିକିତ୍ସା କରାଯାଇ ଛାଡ଼ି ଦିଆଯାଇଛି। ମୋଟାମୋଟି ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି ବୋଲି ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ ପ୍ରକାଶ କରିଛନ୍ତି।

### ଦେଢ଼ କେ.ଜି. ଗଞ୍ଜେଇ ଜବତ, ଜଣେ ଗିରଫ

**ରେଢ଼ାଖୋଲ,୨୬।୩(ଡି.ଏନ୍.ଏ.)** ଗଞ୍ଜେଇ ଚୋରାଚାଲାଣ କରୁଥିବା ଅଭିଯୋଗରେ ଚାରମାଲ ପୋଲିସ ମଙ୍ଗଳବାର ରାତି ୯ଟାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଗୋପପାଲି ଗ୍ରାମର ପ୍ରଫୁଲ୍ଲ କୁମାର ଦେହୁରୀ (୨୭)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଏକ ପ୍ଲାଷ୍ଟିକ ବ୍ୟାଗରେ ଥିବା ଦେଢ଼ କେ.ଜି. ଗଞ୍ଜେଇ ଓ ୧୩୦ ଟଙ୍କା ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ.୩୮) ରୁଜୁ କରାଯାଇଛି। ବୁଧବାର ପ୍ରଫୁଲ୍ଲଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ପ୍ରଫୁଲ୍ଲ ଗଞ୍ଜେଇ ଧରି ମୋଚିବାହାଲ ଛକରେ ବସ୍‌କୁ ଅପେକ୍ଷା କରିଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା।

### ସଟ୍ଟା ଖେଳ, ଜଣେ ଗିରଫ

**ସମ୍ବଲପୁର,୨୬।୩(ବ୍ୟୁରୋ)** ସଟ୍ଟା ଖେଳାଉଥିବା ଅଭିଯୋଗରେ ସମ୍ବଲପୁର ସଦରଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲ ସୁର୍ଲକାନିର କୈଳାସ ଓରାମ। କୈଳାସଙ୍କ ନିକଟରୁ ୧୦୭୦ ଟଙ୍କା ଓ ଖେଳ ସମଗ୍ରୀ ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ. ୬୭/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ, କୈଳାସ ଧନକଉଡ଼ା ନିକଟ ସ୍କୁଲ ପଡ଼ିଆରେ ସଟ୍ଟା ଖେଳାଉଥିଲେ। ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା।

### ୫୦ କେ.ଜି. ବାସି ଖାଦ୍ୟ ନଷ୍ଟ କରାଗଲା

**ସମ୍ବଲପୁର,୨୬।୩(ବ୍ୟୁରୋ)** ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବୁର୍ଲାର ବିଭିନ୍ନ ହୋଟେଲରେ ଚଢ଼ାଉ କରାଯାଇ ୫୦ କେ.ଜି. ବାସି ଖାଦ୍ୟ ନଷ୍ଟ କରାଯାଇଛି। ବୁର୍ଲା ମେଡିକାଲ କ୍ୟାଣ୍ଟିନ ସମେତ ବସ୍‌ଷ୍ଟାଣ୍ଡରେ ୧୬ ହୋଟେଲରେ ଚଢ଼ାଉ କରାଯାଇଥିଲା। ଖାଦ୍ୟଗୁଡ଼ିକ ବାସି, ରଙ୍ଗଦିଆ ଓ ଏଥିରେ ଅତ୍ୟଧିକ ତେଲ ମସଲା ବ୍ୟବହାର ହୋଇଥିବା ଜଣାପଡ଼ିଥିଲା। ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ଅଧିକାରୀ ଓ ବୁର୍ଲା ପୋଲିସ ଚଢ଼ାଉରେ ସାମିଲ ହୋଇଥିଲେ।



ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଆସୁଛନ୍ତି ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ଲମ୍ବୋଦର ମହାନ୍ତ ଓ ଅଞ୍ଜଳି ବାଙ୍କରା।



ସ୍ୱାଧୀନ ପ୍ରାର୍ଥିନୀ ମିନତୀ ଦେବତା ବିଜେଡି ପତାକା ତଳେ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଆସୁଛନ୍ତି।



ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଆସୁଛନ୍ତି କଂଗ୍ରେସ ପ୍ରାର୍ଥୀ ବୀରେନ ସେନାପତି ଓ ପ୍ରଶାନ୍ତ ସେଠୀ।



ରାଉରକେଲା ଏଡିଏମ୍ କାର୍ଯ୍ୟାଳୟକୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଆସୁଛନ୍ତି ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ୍ ତିର୍କୀ।



ରାଉରକେଲା ଏଡିଏମ୍ କାର୍ଯ୍ୟାଳୟକୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଆସୁଛନ୍ତି ବୀରମିତ୍ରପୁର ବିଜେଡି ପ୍ରାର୍ଥୀ ମଖଲୁ ଏକ୍କା।



ରାଉରକେଲା ଏଡିଏମ୍ କାର୍ଯ୍ୟାଳୟକୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଆସୁଛନ୍ତି ବୀରମିତ୍ରପୁର ଭାଜପା ପ୍ରାର୍ଥୀ ଶଙ୍କର ଓରାମ।

# ଶେଷ ଦିନରେ ନାମାଙ୍କନ ଭରିଲେ ୨୬ ପ୍ରାର୍ଥୀ

- ସାରଦାଙ୍କ ପ୍ରାର୍ଥୀତ୍ୱ ନେଇ ବର୍ଷିଲେ ମିନତୀ
- ବିଜେଡି ଟିକେଟ ଆଶାୟୀ ଥିଲେ
- ଦଳୀୟ ପତାକା ଧରି ନାମାଙ୍କନ ଭରିବାକୁ ଆସିଲେ

**ରାଉରକେଲା ଅଫିସ,୨୬।୩**

ଏପ୍ରିଲ ୧୮ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ମଙ୍ଗଳବାର ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରାଉରକେଲା, ରଘୁନାଥପାଲି ଓ ବୀରମିତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳରୁ ୨୬ଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ରାଉରକେଲା ବିଧାନସଭା କ୍ଷେତ୍ର ପାଇଁ କଂଗ୍ରେସରୁ ପୂର୍ବତନ ଜିଲା ସଭାପତି ବୀରେନ ସେନାପତି, ବହୁଜନ ସମାଜ ପାର୍ଟିରୁ ବିଷ୍ଣୁଚରଣ ମହାନ୍ତ, ଝାଡ଼ଖଣ୍ଡ ପାର୍ଟିରୁ କ୍ରିଷ୍ଣା କଂସାରୀ, ଆମ୍ ଆଦ୍‌ମୀ ପାର୍ଟିରୁ ଲମ୍ବୋଦର ମହାନ୍ତ, ସ୍ୱାଧୀନ ପ୍ରାର୍ଥୀ ରୂପେ ମିନତୀ ଦେବତା, ହେମା ଏକ୍କା, ବିକାଶ ମାନସିଂ ଓ ଧର୍ମେନ୍ଦ୍ର ମହାପାତ୍ର ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିଭଳି ରଘୁନାଥପାଲି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ଆମ୍ ଆଦମୀ ପାର୍ଟିର ଅଞ୍ଜଳି ବାଙ୍କରା, କୋଶଳ ଜନତା ଦଳର ଉଗ୍ରସେନ ପାତ୍ର, ଝାଡ଼ଖଣ୍ଡ ପାର୍ଟିର ରାମଚନ୍ଦ୍ର ବଡ଼ାଇକ, ସ୍ୱାଧୀନ ପ୍ରାର୍ଥୀ ପ୍ରମୋଦ ନାୟକ, କ୍ଷେତ୍ରମୋହନ ମସାନ୍ତ, ଜୟକୃଷ୍ଣ ମହାନନ୍ଦିଆ, ମହେନ୍ଦ୍ର କୁମ୍ଭାର ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଭରିଛନ୍ତି। ବୀରମିତ୍ରପୁର ବିଧାନସଭା କ୍ଷେତ୍ର ପାଇଁ କଂଗ୍ରେସ ପ୍ରାର୍ଥୀ ତଥା ବିଧାୟକ ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫ ତିର୍କୀ, ବିଜେଡିର ମଖଲୁ ଏକ୍କା ଓ ଭାଜପାର ପୂର୍ବତନ ବିଧାୟକ ଶଙ୍କର ଓରାମ ରାଉରକେଲା ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏମାନଙ୍କ ବ୍ୟତୀତ ବହୁଜନ ସମାଜ ପାର୍ଟିର ପାଉଲୁସ ଓରାମ, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସେବିଆନ ଆଇନ୍ଦ ଓ ଝାଡ଼ଖଣ୍ଡ ପାର୍ଟିର ଲକ୍ଷ୍ମୀଧର ସ ଏହି ଆସନ ପାଇଁ ନାମାଙ୍କନ ଭରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ରୂପେ ସଞ୍ଜୀବ ପ୍ରତାପ ସିଂଦେଓ, ପିଟର ଟପ୍ପୋ, ଚନ୍ଦ୍ରମୋହନ ମାଝି ଓ ସୁଶିଲ କିଣ୍ଡୋ ମଧ୍ୟ ବୀରମିତ୍ରପୁର ପାଇଁ ନାମାଙ୍କନ ଭରିଛନ୍ତି। ଅନ୍ୟପକ୍ଷରେ ରାଉରକେଲା ବିଧାନସଭା କ୍ଷେତ୍ର ପାଇଁ ବିଜେଡି ଟିକେଟ ଆଶାୟୀ ଥିବା ମିନତୀ ଦେବତା ନିଜ ସମର୍ଥକଙ୍କ ସହ ବିଜେଡି ପତାକା ଧରି ନାମାଙ୍କନପତ୍ର ଦାଖଲ କରିବାକୁ ଆସିଥିଲେ। ଏହି ଅବସରରେ ସେ ବିଜେଡି ପ୍ରାର୍ଥୀ ସାରଦା ନାୟକଙ୍କ ବିରୋଧରେ ବିଷ ଓଗାଳିଛନ୍ତି। ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସାରଦାଙ୍କ ସହ ଆଉ ରାଉରକେଲାବାସୀ ନାହାନ୍ତି। ଅତୀତରେ ସେ ଦଳ ଓ ସହରବାସୀଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ଅର୍ବାନ ବ୍ୟାଙ୍କ ନିର୍ବାଚନରୁ ନେଇ କଲେଜ ନିର୍ବାଚନ ସବୁଥିରେ ସାରଦା ଫେଲ୍ ମାରିଛନ୍ତି। ଦଳ ସୁପ୍ରିମୋଙ୍କ ପାଖରେ ଏ ନେଇ ଅସଲ ତଥ୍ୟ ନାହିଁ। ବିଗତ ଦିନରେ ସାରଦା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଚପଲ ମାଳ ପିନ୍ଧାଇବାଠାରୁ ନେଇ ନବୀନଙ୍କୁ ଗାଦିଚ୍ୟୁତ କରିବାକୁ ଷଡ଼ଯନ୍ତ୍ର କରିଥିଲେ। କାହା ବଳରେ ଓ କେମିତି ସେ ଟିକେଟ ଆଣିଛନ୍ତି ଆମେ ଜାଣିନୁ। କିନ୍ତୁ ଲୋକେ ମୋତେ ଚାହୁଁଛନ୍ତି। ମୁଁ ନିର୍ବାଚନରେ ନିଶ୍ଚିତ ବିଜୟୀ ହେବି। ତା' ପରେ ଯାଇ ନବୀନଙ୍କୁ ସାକ୍ଷାତ କରିବି ବୋଲି କହିଛନ୍ତି ମିନତୀ। ସେହିଭଳି ସାରଦାଙ୍କ ଅନ୍ୟ ଜଣେ ଅନୁଗାମୀ ବିକାଶ ମାନସିଂ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ରୂପେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ସିଧାସଳଖ ନ ହେଲେବି ବୁଲେଇ ବଙ୍କେଇ ସାରଦାଙ୍କୁ ଟାର୍ଗେଟ କରି କହିଥିଲେ, ଯାହାକୁ ରାଉରକେଲାବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି ତାଙ୍କ ବିରୋଧରେ ମୁଁ ପ୍ରାର୍ଥୀ ହୋଇଛି। ସହରବାସୀଙ୍କ ସ୍ୱାଭିମାନ ଓ ବିକାଶ ପାଇଁ ମୁଁ ନିର୍ବାଚନ ମଇଦାନକୁ ଓହ୍ଲାଇଛି ବୋଲି ବିକାଶ କହିଛନ୍ତି। ମୋଟାମୋଟି ସାରଦାଙ୍କ ନେତୃତ୍ୱକୁ ବିରୋଧ କରି ଏହି ଦୁଇ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାରୁ ବିଜେଡି ଶିବିରରେ ଛନକା ପଶିଛି। ଏମାନଙ୍କ ଉପରେ ଦଳୀୟ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହୋଇପଡ଼ିଥିବା ବେଳେ ତାହାକୁ ଖାତିର ନ କରି ନିଜ ରାଗ ଶୁଝାଇବାକୁ ନିର୍ବାଚନ ମଇଦାନରୁ ଓହରିବେ ନାହିଁ ବୋଲି କହିଛନ୍ତି ଦୁଇ ଅସନ୍ତୁଷ୍ଟ ପ୍ରାର୍ଥୀ।

# ଓଡ଼ିଆ ଭାଷା ବିକାଶ ମଞ୍ଚର ଆଲୋଚନାଚକ୍ର

**ରାଉରକେଲା ଅଫିସ,୨୬।୩**

ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ସୋମବାର କଲଚରାଲ ଏକାଡେମୀ ସଭାଗୃହରେ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କୁଳମଣି ଜେନାଙ୍କ ଲିଖିତ ଅନେଶ୍ୱତ ଭାଗ ରାଜନୈତିକ ବିକଳ୍ପ ପୁସ୍ତକକୁ ଏହି ଅବସରରେ ଉନ୍ମୋଚନ କରାଯାଇଥିଲା। ଏଥିରେ କେଦାରନାଥ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ କବି ବଳରାମ ରାଉଳ ଓ ମୁଖ୍ୟବକ୍ତା ଭାବେ କୁଳମଣି ଜେନା ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷା ବିକାଶ ମଞ୍ଚ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମହାପାତ୍ର ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ବିଶ୍ୱ ସମାଜବାଦର ସ୍ଥିତି, ସାମ୍ରାଜ୍ୟବାଦର ଗଣଧ୍ୱଂସ ନୀତି ଓ ବିଶ୍ୱ ପୁଞ୍ଜିବାଦ ବ୍ୟବସ୍ଥାର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଜେନା ସାମାଜିକ ପରିବର୍ତ୍ତନ ପାଇଁ ୯୯ ଭାଗ ରାଜନୈତିକ ବିକଳ୍ପ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ବେକାରୀ, ଦାରିଦ୍ର୍ୟ ଓ ବୈଷମ୍ୟତା ଦୂର ପାଇଁ କେତେକ ଉପାଦେୟ ବିକଳ୍ପର ଆହ୍ୱାନ ଦେଇଥିଲେ। ସେ କହିଥିଲେ, ସମ୍ପତ୍ତି କର ଓ ଆବଶ୍ୟକ ଆୟ ଜରିଆରେ ଅନେକ ସମସ୍ୟାର ନିରାକରଣ କରାଯାଇ ପାରିବ। କାମ ଥାଉ କି ନ ଥାଉ ଆୟ ସୁନିଶ୍ଚିତ କରାଯାଇ ପାରିବ ବୋଲି ସେ କହିଥିଲେ। ସଭାପତି ପ୍ରଧାନ ନିଜ ବକ୍ତବ୍ୟରେ ବୈଜ୍ଞାନିକ ସମାଜବାଦ ଓ ଜନତାଙ୍କ ଭାଗୀଦାରି ଉପରେ ଆଲୋଚନା କରିଥିଲେ। ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଡ. ପ୍ରଭାତ ମଲ୍ଲିକ, ପଶୁପତିନାଥ ଚାଟାର୍ଜୀ, ବିଚିତ୍ରାନନ୍ଦ ସାହୁ, ପ୍ରମିଳା ପଣ୍ଡା, ଲକ୍ଷ୍ମଣନାଥ ଦାସ, ଅକ୍ଷୟ ସାମଲ, ବିଭୁ ନାୟକ ଓ ଛବି ମହାନ୍ତି ପ୍ରମୁଖ ଭାଗ ନେଇଥିଲେ। ନଳିନୀକାନ୍ତ ଧର, ମଞ୍ଜୁଳା ପଣ୍ଡା, ତାରିଣୀ ସାହୁ, ପ୍ରବୋଧ ନାୟକ, ଶିବପ୍ରସାଦ ଦାସ, ସୁକାନ୍ତ ମହାପାତ୍ର, ଡଳିରାଣୀ ବ୍ରହ୍ମା, ଅମିୟ ମହାପାତ୍ର, ଶ୍ରୀଧର ସୁନା, ନରହରି ବାଡ଼ତ୍ୟା, ସୁକାନ୍ତ ଖୁଣ୍ଟିଆ, ଅଭିରାମ ପ୍ରଧାନ, କିଶୋରୀ ମୋହନ କର, ନଗେନ ଦାସ, ମୀନକେତନ ପଶାୟତ, ବସନ୍ତ ନାୟକ, ତ୍ରିନାଥ ସିଂ, ଅଙ୍ଗୁରବାଳା ପରିଡ଼ା, ପ୍ରକାଶ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଚନ୍ଦ୍ରଶେଖର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।




ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ବିଜେଡିରୁ ରୋହିତ ତନ୍ତୀଙ୍କ ଇସ୍ତଫା

**ରାଉରକେଲା ଅଫିସ,୨୬।୩**

ଦଳ ପକ୍ଷରୁ ତାଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ କରି ମଙ୍ଗଳବାର ବୀରମିତ୍ରପୁର ଯୁବ ବିଜେଡି ସଭାପତି ରୋହିତ ତନ୍ତୀ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ଏକ ବିବୃତିରେ କହିଛନ୍ତି ଯେ ଦୀର୍ଘବର୍ଷ ହେବ ଦଳରେ ରହି ଲୋକଙ୍କ ସେବା କରି ଆସୁଥିବା ବେଳେ ଦଳ ତାଙ୍କୁ ଅଣଦେଖା କରିଛି। ତେଣୁ ସେ ଦଳରେ ରହିବାକୁ ଉଚିତ ମଣୁନାହାନ୍ତି ବୋଲି ରୋହିତ ବିବୃତିରେ ପ୍ରକାଶ କରିଛନ୍ତି।

# ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି

**ରାଉରକେଲା ଅଫିସ,୨୬।୩**

ଶ୍ରୀଜଗନ୍ନାଥ ସଂସ୍କୃତି ଜାଗରଣ ମଞ୍ଚ ପକ୍ଷରୁ ଆସନ୍ତା ଏପ୍ରିଲ ୧ ତାରିଖ ପବିତ୍ର ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ହେବାକୁ ଥିବା ଜଗନ୍ନାଥ ସଂସ୍କୃତି ଯାତ୍ରା ସମ୍ପର୍କରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ଆଲୋଚନା କରିଥିଲେ। ଓଡ଼ିଶା ଦିବସ ଦିନ ଏକ ସୁସଜ୍ଜିତ ଯାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମା ସହର ପରିକ୍ରମା କରିବ। ଏହି ଆଧ୍ୟାତ୍ମିକ ଶୋଭାଯାତ୍ରା ଦକ୍ଷିଣ ରାଉରକେଲା ଅନ୍ତର୍ଗତ ପୂର୍ଣ୍ଣାନନ୍ଦ ମାର୍କେଟ ଶନିମନ୍ଦିର ନିକଟରୁ ବାହାରିବ। ଶୋଭାଯାତ୍ରା ଆଇଡିଏଲ୍ ରାଧାକୃଷ୍ଣ ମନ୍ଦିର ରାସ୍ତା ଦେଇ ବାଲିଯୋଡ଼ି ଚର୍ଚ୍ଚ ରୋଡ୍ ଅତିକ୍ରମ କରିବ। ପରେ ଏହା ଜଲଦା, ଦେଓଗାଁ, ତର୍କରା, ବାଲୁଘାଟ, ହକି ଛକ, ହନୁମାନ ବାଟିକା, ବାସନ୍ତୀ କଲୋନୀ ଓ ଛେଣ୍ଡ କଲୋନୀ ପରିକ୍ରମା କରିବ। ଏ ନେଇ ମଞ୍ଚ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। କାର୍ଯ୍ୟକ୍ରମର ସଫଳତା ନେଇ ଅନୁଷ୍ଠାନ ପକ୍ଷରୁ ସହରବାସୀଙ୍କ ସହଯୋଗ କାମନା କରାଯାଇଛି। ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ପକ୍ଷରୁ ଉତ୍କଳ ଦିବସ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଉକ୍ତ ଦିନ ସକାଳ ୭ଟାରୁ ଉଦିତନଗର ପରେଡ୍ ପଡ଼ିଆରୁ ରାଉରକେଲା ମୁଖ୍ୟରାସ୍ତା ଦେଇ ଉତ୍କଳ ଗୌରବ ମଧୁସୂଦନଙ୍କ ଦାସଙ୍କ ପ୍ରତିମୂର୍ତ୍ତି ରହିଥିବା ରେଳ ଷ୍ଟେଶନ ରାସ୍ତା ଅଭିମୁଖେ ଏକ ଶୋଭାଯାତ୍ରା ବାହାରିବ। ସେଠାରେ ମାଲ୍ୟାର୍ପଣ ପରେ ସହରର ବିଭିନ୍ନ ସ୍ଥାନରେ ରହିଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା। ପୂର୍ବାହ୍ନ ୧୧ଟାରେ ଛେଣ୍ଡ ଧାମରା ସଂଘ ସଭାଗୃହରେ ଏକ ଆଲୋଚନା ସଭା ଆୟୋଜନ କରାଯାଇଛି। ଓଡ଼ିଶାର ଅର୍ଥନୈତିକ ସମସ୍ୟା ଓ ତା'ର ନିରାକରଣ ଉପରେ ବକ୍ତାମାନେ ଆଲୋକପାତ କରିବେ। ମୁଖ୍ୟଅତିଥି ରୂପେ ପ୍ରଫେସର ଡ. ଚିତ୍ତରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ଡ. ବିଷ୍ଣୁଚରଣ ଚୌଧୁରୀ ଓ ମୁଖ୍ୟ ଆଲୋଚକ ରୂପେ ଡ. ଉମାଚରଣ ପତି ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।


**IN THE DEBTS RECOVERY TRIBUNAL AT CUTTACK**

**C-71, Sector-7, CDA, Cuttack- 753014 (Odisha)**

**O.A.No. 392/2018**

**Utkal Grameen Bank**
Stressed Asset Recovery Branch Sambalpur........ Applicant

-Versus-

**Dhirendra Mahakud** & Others ........... Defendants

To,

Defendant No.1: **Dhirendra Mahakud**, S/o: Sahadev Mahakud, At/PO- Ghagurli, Ps- Belpada, Dist- Bolangir, PIN- 767026

Defendant No.2: **Sudhir Mahakud**, S/o: Baikuntha Mahakud, At/PO- Bharuapali, Ps- Belpada, Dist- Bolangir, PIN- 767026

Defendant No.3: **Mahendra Mahakud,** S/o: Markanda Mahakud, At/PO- Ghagurli, Ps- Belpada, Dist- Bolangir, PIN- 767026

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 13,63,942.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 26th day of April, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 19th day of March, 2019.

**Sd/- Registrar (I/c)**
**Debts Recovery Tribunal, Cuttack**



**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. 14/ET/SBP/ENGG/ 2018-19, ତାରିଖ. 19.03.2019

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.38-eT-DENC-SBP-18

**କାର୍ଯ୍ୟର ନାମ:** 24 ମାସ ନିମନ୍ତେ ସମ୍ବଲପୁର ଠାରେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ ଏବଂ ଏହାର ପରିସର, TRD କାର୍ଯ୍ୟାଳୟ ଇତ୍ୟାଦିର ଯନ୍ତ୍ରୀକୃତ ସଫେଇ ଏବଂ ସ୍ୱଚ୍ଛତା(ଦେଖାଶୁଣା) ସମ୍ବନ୍ଧୀୟ ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 26,21,408.60, EMD(ଟଙ୍କାରେ): 52,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 24(ଚବିଶି)ମାସ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.41-eT-DENC-SBP-18

**କାର୍ଯ୍ୟର ନାମ:** ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁର ଠାରେ 15 KLD କ୍ଷମତା ବିଶିଷ୍ଟ FRP ଭିତ୍ତିକ ସିଙ୍ଗିଲ୍ ପ୍ୟାକେଜ୍ ସିୱେଜ (Sewage) ଟ୍ରିଟମେଣ୍ଟ ପ୍ଲାଣ୍ଟ (Treatment Plant)ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 19,23,306.51, EMD (ଟଙ୍କାରେ): 38,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ): 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 03(ତିନି)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.10.04.2019ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ)/ ସମ୍ବଲପୁର

PR-564/J/18-19



ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ ସେହିପରି ଈର୍ଷା ଖାଇଯାଏ।
- ସେଣ୍ଟ୍ ଜନ୍ କ୍ରିଷୋଷ୍ଟୋମ୍



## ସଂକ୍ଷେପରେ

### ଭାଜପା ଛାଡିଲେ ଯୁବନେତା



To
Sri Basant Kumar Panda
State President BJP

Sir,
I Sri Uttam Kiran, Ex-Z.P. Member Lahunipara 'Ka', present P.S. Member Lahunipara Panchayat and an active member of Bharatiya Janta Party here to inform you that I am resigning from the primary membership from Bharatiya Janta Party due to monopoly attitude and negligency towards the development of Bonai Sub-Division. Also your local frontline leader and the Central Minister Sj. Jual Oram never try for the development of tribal people of Sundargarh District and ... of the tribal ...

ବଣାଇ, ୨୬।୩ (ସ୍ୱ.ପ୍ର.)- ନିର୍ବାଚନ ଋତୁରେ ଦଳବଦଳ ସମ୍ପ୍ରତି ଏକ ସାଧାରଣ ପ୍ରକ୍ରିୟା ହୋଇଥିବା ବେଳେ ମଙ୍ଗଳବାର ଜଣେ ଟାଣୁଆ ଯୁବନେତା ଭାଜପାରୁ ଇସ୍ତଫା ଦେବା ଅଞ୍ଚଳରେ ଚର୍ଚ୍ଚିତ ଘଟଣା ସାଜିଛି। ପୂର୍ବତନ ବଣାଇ ବିଧାୟକ ସ୍ୱର୍ଗତ ଦୟାନିଧି କିଷାନଙ୍କ ପୁଅ ଉତ୍ତମ କିଷାନ ଯେକି ବର୍ତ୍ତମାନ ଲହୁଣୀପଡା ପଞ୍ଚାୟତ ସମିତିର ସମିତିସଭ୍ୟ ଅଛନ୍ତି। ଦଳୀୟ ବିଶୃଙ୍ଖଳା, ଏକଚାଟିଆ ଶାସନ ଏବଂ ଆଦିବାସୀ ନେତା ଭାବେ ଜୁଏଲ ବାବୁଙ୍କ ଆଦିବାସୀଙ୍କୁ ହତାଦର ଇତ୍ୟାଦି କାରଣକୁ କେନ୍ଦ୍ରକରି ସେ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ପତ୍ର ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡାଙ୍କୁ ପ୍ରେରଣ କରି ଇସ୍ତଫା ଦେଇଥିବା ବିଷୟ ପ୍ରେସ ବିବୃତିରେ ପ୍ରଦାନ କରିଛନ୍ତି।

■ ଜୁଏଲ, ଜର୍ଜ, ସୁନିତା, ପ୍ରଫୁଲ୍ଲ, ଯୋଗେଶ, କୁସୁମଙ୍କ ନାମାଙ୍କନପତ୍ର ଦାଖଲ

# ବିଦ୍ରୋହୀଙ୍କ ନାମାଙ୍କନ ନେଇ ଦଳୀୟ ପ୍ରାର୍ଥୀ ଅଡୁଆରେ

**ପ୍ରାର୍ଥିପତ୍ର ଦାଖଲର ଅନ୍ତିମ ଦିବସ**

ସୁନ୍ଦରଗଡ଼, ୨୬।୩ (ଡି.ଏନ୍.ଏ)

ଆସନ୍ତା ଅପ୍ରେଲ ୧୮ରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ମଙ୍ଗଳବାର ଥିଲା ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସ। ପ୍ରାର୍ଥିପତ୍ର ଦାଖଲ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ସମେତ ବିଦ୍ରୋହୀ ଓ ସ୍ୱାଧୀନ ପ୍ରାର୍ଥୀମାନେ ନିଜର ଦଳୀୟ କର୍ମୀ ଓ ସମର୍ଥକଙ୍କ ଗହଣରେ ବିଶାଳ ଶୋଭାଯାତ୍ରାରେ ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀମାନଙ୍କ କର୍ମୀ ଓ ସମର୍ଥକଙ୍କ ପାରମ୍ପାରିକ ବାଦ୍ୟ, ନାଚ, ଗୀତ ଶୋଭାଯାତ୍ରା ଯୋଗୁ ସୁନ୍ଦରଗଡ ସହର ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ କମ୍ପି ଉଠିଥିଲା। ପ୍ରାର୍ଥିପତ୍ର ଦାଖଲର ଅନ୍ତିମ ଦିବସରେ ସୁନ୍ଦରଗଡ ଲୋକସଭା ଆସନ ନିମନ୍ତେ ଭାଜପାରୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବିଜୁ ଜନତା ଦଳ (ବିଜେଡ଼ି)ରୁ ସୁନୀତା ବିଶ୍ୱାଳ, କଂଗ୍ରେସରୁ ଜର୍ଜ ତିର୍କୀ, ଏଚ୍ଏନ ଦଳରୁ ଦୟାନନ୍ଦ ଭିତ୍ରିଆ, ବହୁଜନସମାଜ ପାର୍ଟିରୁ ବାଗୀ ଲାକ୍ରା ଏବଂ ଜଷ୍ଟିନ ଲାକ୍



ସୁନ୍ଦରଗଡ଼ ବିଧାନସଭା ଆସନ ପାଇଁ କୁସୁମ ଟେଟେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ଡା. ପିଟର ଖାଲକୋ, ଉପେନ୍ଦ୍ର ପ୍ରଧାନ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ରଶ୍ମିତା ପଣ୍ଡାଙ୍କ ନିକଟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅନ୍ତିମ ଦିବସରେ ୮ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ପୂର୍ବରୁ ୩ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି ସୁନ୍ଦରଗଡ ବିଧାନସଭା ଆସନ ନିମନ୍ତେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ବିଜେଡି ପ୍ରାର୍ଥୀ ଭାବେ ନିଜର ଦଳୀୟ କର୍ମୀ ଓ ସମର୍ଥକଙ୍କ ଗହଣରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ଭାଜପାରୁ ଏହି ଆସନ ନିମନ୍ତେ କୁସୁମ ଟେଟେ ନିଜର ପ୍ରାର୍ଥିପତ୍ର ସଦର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଡୋଳାମଣି ପଟେଲଙ୍କ ନିକଟରେ ଦାଖଲ କରିଛନ୍ତି। ଏଥିସହିତ ଅନୁସୂଚିତ ଜନଜାତିଙ୍କ ନିମନ୍ତେ ସଂରକ୍ଷିତ ତଳସରା ବିଧାନସଭା ଆସନ ସକାଶେ କଂଗ୍ରେସରୁ ଡାଃ ପ୍ରଫୁଲ୍ଲ କୁମାର ମାଝି, ବିଜେଡ଼ିର ଷ୍ଟିଫେନ୍ ସୋରେନ୍, ଭାଜପାରୁ ଭବାନୀ ଭୋଇ, କଂଗ୍ରେସର ବିଦ୍ରୋହୀ ସବଡେଗା ଜିଲାପରିଷଦ ସଭ୍ୟା ଗେରୋଟି ଖେସ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ରାଜଗାଙ୍ଗପୁରର ୨ଥର ବିଧାୟକ ଥିବା ଗ୍ରେଗୋରୀ ମିଞ୍ଜ ସ୍ୱାଧୀନ ଭାବେ ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ଭାସ୍କର ଚନ୍ଦ୍ର ଡୁରୁକଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତଳସରା, ରାଜଗାଙ୍ଗପୁର ଆସନରେ ବିଦ୍ରୋହୀ ପ୍ରାର୍ଥିମାନେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ ପରେ ଦଳୀୟ ପ୍ରାର୍ଥୀଙ୍କ ସକାଶେ ଅଡୁଆ ସୃଷ୍ଟି ହୋଇଛି।

## ଅଟୋ ଓଲଟି ଜଣେ ମୃତ, ୧ ଆହତ

ଲହୁଣୀପଡା, ୨୬।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ନୂଆପଡା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ବେଳେ ଦୁର୍ଘଟଣା ଘଟିଛି। ଏକ ଅଟୋ ଓଲଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ନୂଆପଡା ଗ୍ରାମର ପାଣ୍ଡୁ କିଷାନ ଏବଂ ପ୍ରଦୀପ କିଷାନ (୨୧) ଓଡି ୧୪ ଏନ- ୪୨୯୨ ନମ୍ବର ଅଟୋରେ କଲେଇପୋଷଠାରୁ ନିଜ ଗ୍ରାମ ନୂଆପଡାକୁ ଆସୁଥିଲେ। ଗ୍ରାମର ଏକ ପୋଲରେ ଅଟୋ ପିଟି ହୋଇଥିଲା। ଅଟୋରେ ଥିବା ପାଣ୍ଡୁ ଓ ପ୍ରଦୀପ ଛିଟିକି ପଡିଥିଲେ। ଅଟୋ ପାଣ୍ଡୁ କିଷାନ ଉପରେ ଚାପି ହୋଇଥିଲା। ସ୍ଥାନୀୟ ଲୋକମାନେ ଅଟୋ ତଳୁ ପାଣ୍ଡୁଙ୍କୁ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଦୀପଙ୍କୁ ଚିକିତ୍ସା କରାଯାଉଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଅଟୋକୁ ଜବତ କରିଛି। ଘଟଣାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

## ବିଜେଡି, ବିଦ୍ରୋହୀ କଂଗ୍ରେସ ସହ ୫ଜଣଙ୍କ ନାମାଙ୍କନ

**ବଣାଇ ବିଧାନସଭା ନିର୍ବାଚନ ମଣ୍ଡଳୀ**

ବଣାଇ, ୨୬।୩ (ସ୍ୱ.ପ୍ର.)

ସୁନ୍ଦରଗଡ ଜିଲା ବଣାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥିପତ୍ର ଦାଖଲର ମଙ୍ଗଳବାର ଅନ୍ତିମ ଦିବସ ଥିଲା। ପ୍ରଥମେ ବିଜେଡ଼ି ପ୍ରାର୍ଥୀ ରଞ୍ଜିତ କିଷାନ ଏକ ବିରାଟ ଶୋଭାଯାତ୍ରାରେ ବଣାଇ ସହର ପରିକ୍ରମା କରି ପରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିଭଳି କଂଗ୍ରେସ ଏବଂ ସିପିଆଇଏମ୍ ମଧ୍ୟରେ ମେଣ୍ଟ ହେବା କାରଣରୁ ବଣାଇ ଆସନରେ କଂଗ୍ରେସ ଦଳ ପ୍ରାର୍ଥୀ ନ ଦେଇ ସିପିଆଇଏମ୍‌କୁ ସାହାର୍ଯ୍ୟ କରିବା ବିଷୟ ନିଷ୍ପତ୍ତି ନେଇଛି। ହେଲେ ହେଁ ସ୍ଥାନୀୟ କଂଗ୍ରେସ ନେତା ଜନାର୍ଦ୍ଦନ ଦେହୁରୀ ଦଳୀୟ ପତାକା ଧରି ଶତାଧିକ ସମର୍ଥକଙ୍କ ଗହଣରେ ଆସି ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ଅନୁରୂପ ଭାବେ ଆମ ଆଦମି ପାର୍ଟି ପକ୍ଷରୁ ସପନି ପୂର୍ତ୍ତି, ସ୍ୱାଧୀନ ପ୍ରାର୍ଥୀ ଗୋପିନାଥ କିଷାନଙ୍କ ସମେତ ବହୁଜନ ସମାଜ ପାର୍ଟି ପକ୍ଷରୁ ମଦନ ଲାକ୍ରା ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡିଛି। ଶେଷ ଦିବସରେ ବିଜେଡି ପ୍ରାର୍ଥୀ ରଞ୍ଜିତ କିଷାନଙ୍କ ସହ ଅସନ୍ତୁଷ୍ଟ ଆଶାୟୀ ଭୀମସେନ ଚୌଧୁରୀ ପ୍ରାର୍ଥିପତ୍ର ଦାଖଲ ବେଳେ ଉପସ୍ଥିତ ରହିବା ଏବଂ ମେଣ୍ଟହେବା ପରେ ମଧ୍ୟ କଂଗ୍ରେସ ପତାକା ଧରି ସ୍ୱାଧୀନ ଭାବେ କଂଗ୍ରେସର ବରିଷ୍ଠ ନେତା ଜନାର୍ଦ୍ଦନ ଦେହୁରୀ ପ୍ରାର୍ଥିପତ୍ର ଦାଖଲ କରିବା ଘଟଣା ମୁଖ୍ୟ ଆଲୋଚ୍ୟ ବିଷୟ ସାଜିଥିଲା। ଆଗାମୀ ନିର୍ବାଚନରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ଆଭାସ ସୁସ୍ପଷ୍ଟ ହୋଇଥିବା ବେଳେ ଶେଷ ଦିବସ ସୁଦ୍ଧା ସମୁଦାୟ ୯ଜଣ ପ୍ରାର୍ଥୀ ବଣାଇ ବିଧାନସଭା ଆସନ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡିଛି।



ସ୍ୱାଧୀନ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ।



ବିଜେଡିର ପ୍ରାର୍ଥୀ ରଞ୍ଜିତ କିଷାନ ଏବଂ ସାଥିରେ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ।








ସ୍ୱାଧୀନ ପ୍ରାର୍ଥୀ ପ୍ରିୟଦର୍ଶିନୀ ଭୋଇ(ବାମ), ଭାଜପାରୁ ନରସିଂହ ମିଞ୍ଜ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି(ମଝି)। ଗ୍ରେଗୋରୀ ମିଞ୍ଜ ପ୍ରାର୍ଥିପତ୍ର ଦାଖଲ କରିବାକୁ ଯାଉଛନ୍ତି।

## ମୋଟ ୧୭ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

**ରାଜଗାଙ୍ଗପୁର ବିଧାନସଭା ଆସନ**

ରାଜଗାଙ୍ଗପୁର, ୨୬।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାରେ ହେବାକୁ ଥିବା ବିଧାନସଭା ଓ ଲୋକ ସଭା ନିର୍ବାଚନ ପାଇଁ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ ସମାପ୍ତ ହୋଇଛି। ଶେଷ ଦିନରେ ରାଜଗାଙ୍ଗପୁର ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ସମେତ ୧୨ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଆଗରୁ ଦାଖଲ କରିଥିବା ୫ଜଣଙ୍କୁ ମିଶାଇ ସମୁଦାୟ ୧୭ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି। କଂଗ୍ରେସରୁ ଡ. ରାଜନ ଏକ୍କା ରାଜଗାଙ୍ଗପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ବିଜୁ ଜନତା ଦଳ (ବିଜେଡ଼ି)ରୁ ମଙ୍ଗଳା କିଷାନ, ଭାରତୀୟ ଜନତା ପାର୍ଟି (ଭାଜପା)ରୁ ନରସିଂହ ମିଞ୍ଜ, ଜେଏମ୍ଏମ୍‌ରୁ ସୁଶିଲ କୁମାର ଲାକଡା, ଆମ ଆଦମୀ ପାର୍ଟିରୁ ଆନନ୍ଦ ଏକ୍କା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସ୍ୱାଧୀନ ଓ ଅନ୍ୟାନ୍ୟ ଦଳର ପ୍ରାର୍ଥୀ ହେଲେ ଅର୍ଥାର ସୋରେଙ୍ଗ, ସିପ୍ରିୟନ ଉଇଲିୟମ କିରୋ, ନେସବିନ ସାମଦ, ଉପେନ୍ଦ୍ର ପ୍ରଧାନ, ଜଳଧର ଟପ୍ପୋ, ସଞ୍ଜିବ ବରୁୱା, ପୁରିଆ ଏକ୍କା, ବରିଆ କୁଜୁର, ଗ୍ରେଗୋରୀ ମିଞ୍ଜ ଓ ପ୍ରିୟଦର୍ଶନୀ ଭୋଇ, ପାତ୍ରାସ ଟେଟେ, ଦାଶରଥି ଲାକ୍ରା। ବୁଧବାର ଯାଞ୍ଚ ଥିବାରୁ ସନ୍ଧ୍ୟାସୁଦ୍ଧା କେତେଜଣଙ୍କ ନାମାଙ୍କନ ପତ୍ର କାଏମ ରହିଲା ଜଣାପଡିବ।

## ବାରବନ୍ଧାରେ ପୁଣି ମାଓବାଦୀ ପୋଷ୍ଟର

ବାରବନ୍ଧା/ସେରଗଡ,୨୬।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ବାରବନ୍ଧା ଗ୍ରାମପଞ୍ଚାୟତ ବେଲଗାଁ ଏବଂ ଡୁଡୁକାରାର ବିଭିନ୍ନ ସ୍ଥାନର କାନ୍ଥରେ ମଙ୍ଗଳବାର ମାଓବାଦୀ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି । ଏଥିରେ ଭୋଟ ବର୍ଜନ କରନ୍ତୁ, ବିପ୍ଳବୀ ହୁଅନ୍ତୁ, ଭୋଟ ପଥରେ ମୁକ୍ତ ନାହିଁ, ମୁକ୍ତ ପାଇଁ କରସଶସ୍ତ୍ର ବୋଲି ଲେଖାଯାଇଛି । ଏଥିସହ ପୋଲିସ କୁକୁରକୁ ପଠାଅନାହିଁ ବୋଲି ପୋଷ୍ଟରେ ଉଲ୍ଲେଖ ଅଛି ଏବଂ ପୋଲିସ ନବୀନ ଭୋଇଙ୍କୁ ଆଗାମୀ ଦିନରେ ମୃତ୍ୟୁ ଦଣ୍ଡ ଦିଆଯିବ । ଆଗାମୀ ନିର୍ବାଚନରେ ଜନସାଧାରଣ ଭୋଟ ବର୍ଜନ କରିବାକୁ କୁହାଯାଇଛି। ପୋଷ୍ଟର ତଳେ ସିପିଆଇ (ମାଓବାଦୀ) କେ.କେ.ବି.ଏନ. ବୋଲି ଲେଖାଯାଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ସେହି ସ୍ଥାନକୁ ଯାଇନାହିଁ ।

## ବରିଷ୍ଠ ନାଗରିକ ସଂଘର ତ୍ରୟ ମାସିକ ବୈଠକ

ଭବାନୀପାଟଣା,୨୬।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ବିଜୟ ହୋତାଙ୍କ ସଭାପତିତ୍ୱରେ ସ୍ଥାନୀୟ ଡିଏସ୍‌ଡବ୍ଲ୍ୟୁ ଅଫିସ ସଭାଗୃହରେ ତ୍ରୟମାସିକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡିଶା ବରିଷ୍ଠ ନାଗରିକ ସଂଘ ଉପସଭାପତି ନୃସିଂହ ନାରାୟଣ ପାଢୀ, ରାୟଗଡା ବରିଷ୍ଠ ନାଗରିକ ସଂଘ ସଭାପତି ବିନୋଦ ପଣ୍ଡା, ସ୍ୱତନ୍ତ୍ର ନିମନ୍ତ୍ରୀତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଓଡିଶା ବରିଷ୍ଠ ନାଗରିକଙ୍କ ଏକତା ବଜାୟ ରଖିବା ସକାଶେ ଅତିଥି ଓ ସଦସ୍ୟମାନେ ନିଜ ମତାମତ ଦେଇଥିଲେ। ବୈଠକରେ ଡେରାଡୁନ୍‌ଠାରେ ନିକଟରେ ଅନୁଷ୍ଠିତ ହୋଇଥିବା ନ୍ୟାଶନାଲ ମାଷ୍ଟରସ ଗେମରେ କଳାହାଣ୍ଡିର ବରିଷ୍ଠ ନାଗରିକ ଦୁର୍ଗାଚରଣ ମିଶ୍ର ସଟ୍‌ପୁଟ୍, ହ୍ୟାମର ଥ୍ରୋ, ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା, ଶ୍ୟାମାପଦ ବାବୁ ବ୍ୟାଡମିଣ୍ଟନ ସିଙ୍ଗଲସରେ ସ୍ୱର୍ଣ୍ଣ ପଦକ ଏବଂ ଡବଲସରେ ମନୋରଞ୍ଜ ଦାସଙ୍କୁ ସାଥି କରି କାଂଶ ପଦକ ବିଜେତା ହୋଇଥିବାରୁ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁନିଲ କୁମାର ବେହେରା, ଶାନ୍ତନୁ ମୁଣ୍ଡ, ବିଦ୍ୟା ପଣ୍ଡା, ସନ୍ତୋଷ ଦାସ, ଦିନବନ୍ଧୁ ମୁଣ୍ଡ, ସଂଘମିତ୍ରା କାନୁନ ଗୋ, ଭୁବନେଶ୍ୱର ମହାନନ୍ଦ, କୃଷ୍ଣ ଯୋଷୀ, ସ୍ୱରୂପ ରାୟ ସାମଲ, ଜଗଦୀଶ ପଣ୍ଡା, ବାସୁଦେବ ସାହାଣି, ପଦ୍ମ ପାଣିଗ୍ରାହୀ ଓ ଗଜେନ୍ଦ୍ର ପାଢୀ ପ୍ରମୁଖ ସହଯୋଗ କରିଥିଲେ।

## ହାଟରୁ ପରିବା ବିକ୍ରି କରି ଫେରୁଥିବା ବେଳେ ଦୁର୍ଘଟଣା: ବାଇକ୍ ଚାଳକ ମୃତ

ବାଲିଶଙ୍କରା, ୨୬।୩ (ଡି.ଏନ.ଏ):

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ଝିଲିମାଲ ବୁଲାଣିରେ ଭାରସାମ୍ୟ ହରାଇ ବାଇକ୍ ଆରୋହୀ ଶୁଶିଲ ତିର୍କୀ (୪୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଜିପପାହାଡି ଗ୍ରାମରେ। ସେ ମଙ୍ଗଳବାର ରାମପୁର ସାପ୍ତାହିକ ହାଟକୁ କଲରା ବିକ୍ରି କରିବାକୁ ଆସିଥିଲେ। ବିକ୍ରିକରି ଘର ଅଭିମୁଖେ ଯାଉଥିବା ସମୟରେ ଝିଲିମାଲ ବୁଲାଣିରେ ଭାରସାମ୍ୟ ହରାଇ ବାଇକରୁ ରାସ୍ତାରେ ଛିଟିକି ପଡିଥିଲେ। ରାସ୍ତାରେ ଯାଉଥିବା ଲୋକେ ଦେଖି ଆମ୍ବୁଲାନ୍ସରେ ସବଡେଗା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

## କୋର୍ଟ ବର୍ଜନ କଲା ଓକିଲ ସଂଘ

ଭବାନୀପାଟଣା,୨୬।୩(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିର ପ୍ରତିମାସର ଶେଷ ସୋମବାର କୋର୍ଟ ବର୍ଜନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ସୋମବାର କଳାହାଣ୍ଡି ଜିଲା ଓକିଲ ସଂଘ ପକ୍ଷରୁ ଜିଲାବ୍ୟାପୀ ସମସ୍ତ କୋର୍ଟ ବର୍ଜନ କରାଯାଇଥିଲା। ଯଦି ସରକାରଙ୍କ କେବିକେ ଓ କଳାହାଣ୍ଡି ଜିଲାର ବିକାଶ ପାଇଁ ଆନ୍ତରିକତା ଥାଏ ତାହା ହେଲେ କଳାହାଣ୍ଡି ହିଁ ପ୍ରକୃତ ସ୍ଥାନ ଯେଉଁଠି ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରାଯିବା ଉଚିତ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି । ସୋମବାର ଜିଲା ଓକିଲ ସଂଘ ପକ୍ଷରୁ ଭବାନୀପାଟଣା ସହରର ସମସ୍ତ କୋର୍ଟ କାର୍ଯ୍ୟ ବର୍ଜନ କରାଯାଇଥିଲା । ଏଥିରେ କଳାହାଣ୍ଡି ଓକିଲ ସଂଘ ସଭାପତି ସନ୍ତୋଷ ପଣ୍ଡା, ସାଧାରଣ ସମ୍ପାଦକ ଅଶୋକ ପଟ୍ଟନାୟକ, କୋଷାଧ୍ୟକ୍ଷ ମହେଶ ମହାପାତ୍ର, ସୁବ୍ରତ ବହିଦାର, ଅମରେନ୍ଦ୍ର ମୁଣ୍ଡ, ଇନ୍ଦୁ ପାଣିଗ୍ରାହୀ, ସତ୍ୟ ନାରାୟଣ ପଣ୍ଡା, ସୁଧୀର ପଣ୍ଡା, ଓମ ପ୍ରକାଶ ଗୁପ୍ତା, ସୁରେଶ ପାତ୍ର, ସୁଧୀର ପଟ୍ଟନାୟକ, ସୁଧାଂଶୁ ମହାପାତ୍ର, ମିଳନ ପଟ୍ଟନାୟକ, ପ୍ରକାଶ ନାଏକ ସମେତ ବହୁ ଆଇନଜୀବୀମାନେ ଉପସ୍ଥିତ ଥିଲେ ।




ଓକିଲ ସଂଘ ପକ୍ଷରୁ କୋର୍ଟ ବର୍ଜନ କରାଯାଇଛି।

ସାଧାରଣ ନିର୍ବାଚନ ୨୦୧୯ ପରିଚାଳନା ସମ୍ପର୍କରେ ଆଲୋଚନା

## ପର୍ଯ୍ୟବେକ୍ଷକ ଓ ନୋଡାଲ ଅଧିକାରୀଙ୍କ ବୈଠକ

ସୁନ୍ଦରଗଡ଼, ୨୬।୩ (ଡି.ଏନ୍.ଏ)

ସ୍ଥାନୀୟ ପ୍ରଗତି ମଣ୍ଡପ ଠାରେ ମଙ୍ଗଳବାର ସନ୍ଧ୍ୟାରେ ସୁନ୍ଦରଗଡ଼ ଲୋକସଭା ଓ ଏହା ଅଧୀନ ୭ଟି ବିଧାନସଭା ଆସନରେ ସାଧାରଣ ନିର୍ବାଚନ -୨୦୧୯ ପରିଚାଳନା ସମ୍ପର୍କରେ ପର୍ଯ୍ୟବେକ୍ଷକ ଓ ନୋଡାଲ ଅଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଶ୍ମିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ଏହି ଜିଲା ସକାଶେ ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକ ଓ ଏହି ଜିଲାର ସମସ୍ତ ନୋଡାଲ ଅଧିକାରୀମାନଙ୍କ ମଧ୍ୟରେ ଏହି ଜିଲାରେ ସାଧାରଣ ନିର୍ବାଚନ କିଭଳି ଶାନ୍ତିଶୃଙ୍ଖଳା, ନିରପେକ୍ଷ ଓ ସ୍ୱଚ୍ଛ ଭାବରେ ଅନୁଷ୍ଠିତ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ପର୍ଯ୍ୟବେକ୍ଷକମାନଙ୍କ ସହିତ ନୋଡାଲ ଅଫିସର ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ



ସାଧାରଣ ନିର୍ବାଚନ ପରିଚାଳନା ସମ୍ପର୍କରେ ପର୍ଯ୍ୟବେକ୍ଷକ ଓ ନୋଡାଲ ଅଧିକାରୀଙ୍କ ବୈଠକ।

ପରିଚୟ କରାଯାଇଥିଲା। ଜିଲା ପୋଲିସ ଓ ଜିଲା ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ , ଜିଲାରେ କେତୋଟି ଭୋଟଗ୍ରହଣ କେନ୍ଦ୍ର ଅଛି ଓ ସେଥିମଧ୍ୟରୁ କେତୋଟି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି ଓ ସେଗୁଡିକରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ କେଉଁ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ସିସିଟିଭିରେ ୱେବ କାଷ୍ଟିଙ୍ଗ ବ୍ୟବସ୍ଥା କରାଯିବ। ଜିଲାରେ କେତୋଟି ଭୋଟ ଗଣତି କେନ୍ଦ୍ର ସ୍ଥାପନ ହେବ, ଇଭିଏମ ପାଇଁ ଷ୍ଟ୍ରଙ୍ଗ ରୁମ୍, ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ କିପରି ପୋଷ୍ଟାଲ ମାଧ୍ୟମରେ ଭୋଟ ଦେଇ ପାରିବେ ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଏହି ଜିଲାକୁ ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକ ଅମିତ କୁମାର, ଚନ୍ଦ୍ରକାନ୍ତ ପୁଲକୁଣ୍ଡୱାର, ସଞ୍ଜୟ ତାରାଡେଙ୍କ ସମେତ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର (ନିର୍ବାଚନ) ଅଭିମନ୍ୟୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପବିଭାଗ ଅଧିକାରୀ ଲୀଳାଧର କାଲୋ, ଯତୀନ୍ଦ୍ର ବେହେରା, କିରଣମାଳା ପଟେଲ ବୈଠକ ପରିଚାଳନା କରିଥିଲେ।